ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.29 Bhubaneswar Saturday March 04 2023 ୨୬ତମ ବର୍ଷ ସଂଖ୍ୟା-୨୯ ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୦୪, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ସାମ୍ବାଦିକ ଗ୍ରାମୀଣ କଲ୍ୟାଣ ଯୋଜନା ଉଦ୍‌ଘାଟିତ









ଭୁବନେଶ୍ୱର,୩।୩(ପି.ଏନ): ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ସପ୍ତମ୍ ପ୍ରତିଷ୍ଠା ଦିବସ ବୁଦ୍ଧ ମନ୍ଦିର ସଭା କକ୍ଷରେ ମହାସମାରୋହରେ ପାଳିତ ପ୍ରହାଇ ଯାଇଅଛି। ବର୍ଷୀୟାନ ସାମ୍ବାଦିକ ଶ୍ରୀଯୁକ୍ତ ଦୁଲାଲ୍ ମିଶ୍ର ଏବଂ ଅନ୍ୟାନ୍ୟ ଅତିଥିମାନେ ଦ୍ୱିପ ପ୍ରଜ୍ୱଳନ କରି ଆଲୋଚ଼ନାଚ଼କ୍ର ଏବଂ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ ସାମ୍ବାଦିକମାନଙ୍କ ଉଦ୍ଦେଶ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବା ସହିତ ସାମ୍ବାଦିକମାନଙ୍କୁ ସଦାସର୍ବଦା ଜାଗ୍ରତ ରହି ସ୍ୱଛତା ଅବଲମ୍ବନ କରି ସତ୍ୟ ଖବର ପରିବେଷଣ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଡା. ରବୀନ୍ଦ୍ର ନାଥ ବେହେରା ପ୍ରାକ୍ତନ ବୈଦେଶିକ ନିର୍ଦ୍ଦେଶକ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରି ସାମ୍ବାଦିକ ମାନଙ୍କୁ ମିଡ଼ିଆ ପ୍ରତି ସତର୍କତା ପୂର୍ବକ ଖବର ଦେବା ଆବଶ୍ୟକ ବୋଲି କହିଥିଲେ। ସରକାରଙ୍କ ବିଭିନ୍ନ ଲୋକ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରି ସାମ୍ବାଦିକ ମାନଙ୍କ କିପରି ଉନ୍ନତି ହୋଇ ପାରିବ ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭା ସାଂସଦ ଶ୍ରୀ ମୁନ୍ନା ଖାଁ ଉପସ୍ଥିତ ରହି ସଂଘର ଉତ୍ତୋରତ୍ତର କାମନା କରିଥିଲେ। ଆଜିର ମୁଖ୍ୟ ଆକର୍ଷଣ ଗ୍ରାମୀଣ ସାମ୍ବାଦିକ କଲ୍ୟାଣ ଯୋଜନାକୁ ଆନୁଷ୍ଠାନିକ ଭାବେ ସମସ୍ତ ଅତିଥିମାନେ ଉନ୍ମୋଚ଼ନ କରିଥିଲେ। ହାଇଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲ୍‌ର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ସାମ୍ବାଦିକ ମାନଙ୍କୁ ସ୍ୱାସ୍ଥ୍ୟ ସେବା ନିମନ୍ତେ ଆବଶ୍ୟକୀୟ ଜରୁରୀକାଳୀନ ସେବା ଯୋଗାଇଦେବେ ବୋଲି କହିଥିଲେ।

ପ୍ରାରମ୍ଭରେ ୧୧ ଟି ଜିଲ୍ଲାର ୧୧ ଜଣ ପ୍ରତିନିଧିଙ୍କୁ ପ୍ରତିକାତ୍ମକ ଘୋଷଣା କରାଯାଇଛି। ଗ୍ରାମୀଣ ସାମ୍ବାଦିକ କଲ୍ୟାଣ ଯୋଜନାର ଅଧ୍ୟକ୍ଷ ପୂର୍ବତନ ବିଧାୟକ ଶ୍ରୀ ପ୍ରଭାତ ରଞ୍ଜନ ବିଶ୍ୱାଳ ସ୍ୱାସ୍ଥ୍ୟ ସେବା ସହ ସାମ୍ବାଦିକ ମାନଙ୍କୁ ଆବଶ୍ୟକ ଜରୁରୀକାଳୀନ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ପ୍ରତି ବ୍ଲକସ୍ତରରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବା ଘୋଷଣା କରିଥିଲେ। ଶେଷରେ ଶ୍ରୀ ସନ୍ଦୀପ ସାହୁ ବିବିସି ପ୍ରତିନିଧି, ନ୍ୟୁଜ ୭ ନିରଜ ପଟ୍ଟନାୟକ, ସୁଶାସନର ବିଜୟ କୁମାର ପଣ୍ଡା, ଡିଡି ୧ ର ଅଶୋକ କୁମାର ବରାଳ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ନନ୍ଦିରେଘୋଷ୍ ଟିଭି, ସମୟର ବାର୍ତ୍ତା ସମ୍ପାଦକ ପପୁ ମହାନ୍ତିଙ୍କ ସମେତ ୩୦ ଜଣ ସାମ୍ବାଦିକ ମାନଙ୍କୁ ମାନପତ୍ର, ଫଳକ, ଏବଂ ଉତରୀୟ ଦେଇ ଓୟୁଡବ୍ଲ୍ୟୁଜେ ପକ୍ଷରୁ ସମ୍ମାନିତ କରା ଯାଇଥିଲା। ଏହା ସହ ସମାଜସେବୀ ଭାବେ ଶ୍ରୀମତୀ ସସ୍ମିତା ମହାନ୍ତି, କରୋନା ଯୋଦ୍ଧା ଭାବେ ଡା. ଶେଖ୍ ଏମ୍. ତୁଲ୍ଲା, ଶ୍ରେଷ୍ଠ ଧାରାବାହିକ ପ୍ରଯୋଜକ ଭାବେ ବିଜୟ ବାରିକ, ମାନବାଧିକାର କର୍ମୀ, ସମାଜ ବିଜ୍ଞାନୀ ଶ୍ରେଷ୍ଠ ସାମାଜିକ ସମ୍ମାନ ଭାବେ ରବୀନ୍ଦ୍ର କୁମାର ମିଶ୍ର, ଶ୍ରେଷ୍ଠ କର୍ପୋରେଟର ଭାବେ ରାଜ କିଶୋର ଦାସ, ବୀଣାପାଣି ଜୟସିଂହ, ପ୍ରମୋଦ ପୃଷ୍ଟି, ପ୍ରଭୃତି ୭ ଜଣ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଅଛି।

ବରିଷ୍ଠ ସାମ୍ବାଦିକ ଦୁଲାଲ୍ ମିଶ୍ରଙ୍କ ୮୦ ବର୍ଷ ପୂର୍ତି ଉପଲକ୍ଷେ ଆଜୀବନ ସାମ୍ବାଦିକତା ସମ୍ମାନରେ ସମ୍ମାନିତ କରା ଯାଇଅଛି। ଡ. ପବିତ୍ର ମୋହନ ସାମନ୍ତରାୟ ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକିଲର ମୁଖ୍ୟ ସମ୍ପାଦକ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରି ସାମ୍ବାଦିକମାନଙ୍କୁ ଏକଜୁଟତା ପୂର୍ବକ ଲଢ଼େଇରେ ଆଗକୁ ଆସିବାକୁ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ରଜନୀ କାନ୍ତ ସାମରାୟ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ ନିମନ୍ତେ ଚେଷ୍ଟା କରିବା ପାଇଁ ସମସ୍ତ ସାମ୍ବାଦିକଙ୍କୁ ଆହ୍ୱାନ କରିଥିଲେ ଏବଂ ଗତ ୨୨ ତାରିଖରେ ଅନୁଷ୍ଠିତ ହୋଇଥିବା ନିର୍ବାଚନର ଫଳାଫଳକୁ ଘୋଷଣା କରାଯିବା ପରେ ଆଗାମୀ ୩ ବର୍ଷ ପାଇଁ ନିର୍ବାଚିତ ହୋଇଥିବା କର୍ମକର୍ତ୍ତାମାନଙ୍କ ନାମ ଘୋଷଣା ପରେ ଏକ ବିରାଟ କରତାଳି ଦ୍ୱାରା ଉପସ୍ଥିତ ସମସ୍ତ ସାମ୍ବାଦିକ ମାନେ ସହମତି ପ୍ରଦାନ କରିଥିଲେ। ନିର୍ବାଚିତ ସାଧାରଣ ସମ୍ପାଦକ ହୃଷୀକେଶ ମହାନ୍ତି, ଆଗାମୀ ୩ ବର୍ଷ ପାଇଁ କାର୍ଯ୍ୟସୂଚୀ ପ୍ରଦାନ କରିଥିବା ବେଳେ ନିର୍ବାଚିତ ସଭାପତି ସଞ୍ଜୀବ ଦାସ ଅତିଥି ପରିଚ଼ୟ ପ୍ରଦାନ ସହ ପ୍ରତି ମାସରେ ପ୍ରତ୍ୟେକ ଜିଲ୍ଲାରେ ବୈଠକ ଆହ୍ୱା କରିବା ପାଇଁ ଆହ୍ୱାନ ଦେଇଥିଲେ। ସୂଚ଼ନା ଥାଉ କି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ କିଛି ବିରୋଧି ଗୋଷ୍ଠୀ ବାଧା ଉତ୍ପନ୍ନ କରିଥିବାରୁ ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମର ସ୍ଥାନ ପରିବର୍ତ୍ତନ କରାଯାଇ ସମସ୍ତ ସାମ୍ବାଦିକ ମାନଙ୍କସହଯୋଗରେ କାର୍ଯ୍ୟକ୍ରମକୁ ସଫଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ ଦାସ, ଉପସଭାପତି ଡାକ୍ତର ହରି ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଦସ୍ୟ ଶରତ ବାରିକ, ପ୍ରସନ୍ନ ପୃଷ୍ଟି, ଅରୁଣ ମହାନ୍ତି, ହିମାଂଶୁ ହୋତା, ଅମିତା ମିଶ୍ର ରବୀନ୍ଦ୍ର କୁମାର ମିଶ୍ର, ଜିତେନ୍ଦ୍ର କୁମାର ପଣ୍ଡା, ହିମାଳୟ ଶତପଥୀ ପରିଚାଳନା କରିଥିଲେ। ଆଇନଜୀବୀ ଅଞ୍ଜନ କୁମାର ହୋତା ମଞ୍ଚ ପରିଚାଳନା କରିଥିବାବେଳେ ଶିବାନୀ, ପିଙ୍କି, ହରପ୍ରିୟା, ସୁଚିତ୍ରା, ସରସ୍ୱତୀ କାର୍ଯ୍ୟକ୍ରମର ସହାୟତା କରିଥିଲେ।

## ମନଇଛା ଖର୍ଚ୍ଚ ହୋଇଛି ଓଏମସି ସିଏସଆର ପାଣ୍ଠି : କ୍ରୀଡା ପାଇଁ ୭୬କୋଟି

ଭୁବନେଶ୍ୱର,୩।୩(ପି.ଏନ): ରାଜ୍ୟ ସରକାରଙ୍କ ଲାଭଜନକ ଉଦ୍‌ଯୋଗ 'ଓଡିଶା ଖଣି ନିଗମ'(ଓଏମସି)ର ସିଏସଆର (କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି) ପାଣ୍ଠିକୁ ମନଇଚ୍ଛା ଖର୍ଚ୍ଚ କରାଯାଇଛି। କମ୍ପାନୀ ଆକ୍ଟରେ ସ୍ଥାପିତ ଓଏମସି କ୍ରମାଗତ ଲାଭରେ ଚାଲୁଥିଲେ ମଧ୍ୟ ଏହାର ସିଏସଆର ପାଣ୍ଠିକୁ ବିଜେଡି ସରକାର ନିଜର ପକେଟ୍ ଖର୍ଚ୍ଚ ଭଳି ଉପଯୋଗ କରିଛନ୍ତି। କ୍ରୀଡାର ବିକାଶ ନାଁରେ ଓଏମସି ୫ବର୍ଷ ମଧ୍ୟରେ ମୋଟ ୭୬.୮୪କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଓଏମସିର ମୋଟ ସିଏସଆର ପାଣ୍ଠି ଖର୍ଚ୍ଚ ୧୩୨.୭୪କୋଟି ଟଙ୍କା ଥିବା ଜଣାପଡିଛି।ତେବେ ଓଏମସି ଯେଉଁ ସବୁ ଉଦ୍ଦେଶ୍ୟ ପାଇଁ ଏହି ସିଏସଆର ପାଣ୍ଠିର ଖର୍ଚ୍ଚ କରିଛି ତାହା ଧର୍ମକୁ ଆଖିଠାର ସଦୃଶ ହୋଇଛି। ସରକାର ନିଜସ୍ୱ ବାର୍ଷିକ ବଜେଟ ବ୍ୟୟବରାଦ ଅର୍ଥକୁ ଖର୍ଚ୍ଚ କରିବାରେ ସକ୍ଷମ ହେଉନଥିବାବେଳେ ଓଏମସିର ସିଏସଆର ପାଣ୍ଠିକୁ ସ୍ଥାୟୀ ଭିତ୍ତିଭୂମି କ୍ଷେତ୍ରରେ ଉପଯୋଗ ନକରି ମନଇଚ୍ଛା ଖର୍ଚ୍ଚ କରିଥିବା ଜଣାପଡିଛି।ମିଳିଥିବା ସୂଚ଼ନା ଅନୁସାରେ, ଓଏମସି ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ସମସ୍ତ ଟିକସ ଆଦି ପୈଠ ପରେ ମୋଟ୍ ୨୭୩୧.୭୨ କୋଟି ଟଙ୍କା ଲାଭ କରିଥିଲା। ୨୦୨୦-୨୧ରେ ୧୫୮୬ କୋଟି, ୨୦୧୯-୨୦ରେ ୭୨୮କୋଟି ଓ ୨୦୧୮-୧୯ରେ ୭୮୯ କୋଟି ଟଙ୍କାର ବ୍ୟବସାୟିକ ଲାଭ କରିଥିଲା।

## ଖଣି ବିଭାଗ ଅତିରିକ୍ତ ନିର୍ଦ୍ଦେଶକଙ୍କ ଘରେ ଟଙ୍କା ଖଣି, ଭିଜିଲାନ୍ସ ଜବତ କଲା କୋଟିଏ ଟଙ୍କା



ଭୁବନେଶ୍ୱର,୩।୩(ପି.ଏନ): ଭୁବନେଶ୍ୱରରେ ଖଣି ନିର୍ଦ୍ଦେଶାଳୟରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଉମେଶ ଚ଼ନ୍ଦ୍ର ଜେନାଙ୍କ ଘରୁ ମିଳିଛି ନଗଦ ୧ କୋଟି ଟଙ୍କା। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଆଜି ତାଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚ଼ଡ଼ାଉ କରାଯାଇଥିବା ବେଳେ ଏହି ଟଙ୍କା ଜବତ କରାଯାଇଛି। ଏହା ସହିତ ତାଙ୍କର ଆହୁରି ଅନେକ ସମ୍ପତ୍ତି ଠାବ କରାଯାଇଛି।ଭୁବନେଶ୍ୱରରେ ଶ୍ରୀ ଜେନାଙ୍କର ଗୋଟିଏ ବହୁତଳ କୋଠା ରହିଛି। କେନ୍ଦୁଝରରେ ତାଙ୍କର ୩ଟି କୋଠା ରହିଛି। ତା' ସହିତ କେନ୍ଦୁଝରର ପ୍ରମୁଖ ସ୍ଥାନମାନଙ୍କରେ ତାଙ୍କର ୫ଟି ପ୍ଲଟ୍ ରହିଛି। ସେହିପରି ତାଙ୍କ ଠାରୁ ୬୫୦ ଗ୍ରାମର ସୁନା ଗହଣା ଜବତ କରାଯାଇଥିବା ବେଳେ ଗୋଟିଏ ଚ଼ାରି ଚ଼କିଆ ଗାଡି, ଦୁଇଟି ଦୁଇ ଚ଼କିଆ ଗାଡି ଜବତ କରାଯାଇଛି। ଏହା ସହିତ ତାଙ୍କ ବ୍ୟାଙ୍କ ଓ ବୀମା ଜମା ରାଶିର ହିସାବ କରାଯାଉଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତଦନ୍ତ ଏବେ ବି ଜାରି ରହିଛି।

## ବିରଳ ଘଟଣା: ୬ ପୁଲିସ୍ କର୍ମଚ଼ାରୀଙ୍କୁ ଦଣ୍ଡ ଦେଲା ବିଧାନସଭା



ଭୁବନେଶ୍ୱର,୩।୩(ପି.ଏନ): ଦୀର୍ଘ ଦୁଇ ଦଶନ୍ଧି ତଳର ଗୋଟିଏ ସ୍ୱାଧିକାର ଭଙ୍ଗ ନୋଟିସ ଘଟଣାରେ ଦଣ୍ଡ ପାଇଛନ୍ତି ୬ ଜଣ ପୁଲିସ୍ କର୍ମଚ଼ାରୀ। ତତ୍କାଳୀନ ବିଜେପି ବିଧାୟକ ସାଲିଲ ବିଷ୍ଣଇଙ୍କ ନୋଟିସ ଆଧାରରେ ଉତ୍ତର ପ୍ରଦେଶ ବିଧାନସଭା ୬ ଜଣ ପୁଲିସ୍ କର୍ମଚ଼ାରୀଙ୍କୁ ଦିନିକିଆ ବନ୍ଦୀ ଦଣ୍ଡରେ ଦଣ୍ଡିତ କରିଛି।ଏହି ସ୍ୱାଧିକାର ନୋଟିସଟି ୨୦୦୪ ମସିହାର। ସେତେବେଳେ ବିଷ୍ଣଇ ଗୋଟିଏ ପ୍ରତିନିଧି ମଣ୍ଡଳ ସହ କାନପୁରରେ ହେଉଥିବା ବିଜୁଳି କାଟ ବିରୋଧରେ ସ୍ମାରକପତ୍ର ଦେବାକୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପାଖକୁ ଯାଉଥିଲେ। ୨୦୦୪ ସେପ୍ଟେମ୍ବର ୧୫ରେ ସେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପାଖକୁ ଯାଉଥିବା ବେଳେ ଏହି ୬ ଜଣ ପୁଲିସ୍ କର୍ମଚ଼ାରୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ।ଏଥିପାଇଁ ସେ ୬ ପୁଲିସ୍ କର୍ମଚ଼ାରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଥିଲେ। ଶୁକ୍ରବାର ଏହାକୁ ନେଇ ବିଧାନସଭା ଏକପ୍ରକାରର କୋର୍ଟରେ ପରିଣତ ହୋଇଥିଲା। ଏହି ସମୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ସୁରେଶ ଖାନ୍ନା ଗୋଟିଏ ସଂକଳ୍ପ ଆଗତ କରି ୬ ପୁଲିସ୍ କର୍ମଚ଼ାରୀଙ୍କୁ ରାତି ୧୨ଟା ଯାଏ ବନ୍ଦୀ କରି ରଖିବାକୁ କହିଥିଲେ। ଏହାକୁ ଗ୍ରହଣ କରି ବାଚ଼ସ୍ପତି ସତୀଶ ମହାନା ରାୟ ଶୁଣାଇଥିଲେ।ନିର୍ଦ୍ଦେଶ ମୁତାବକ ପୁଲିସ୍ କର୍ମଚ଼ାରୀମାନଙ୍କୁ ବିଧାନସଭା ବିଲଡିଂ ମଧ୍ୟରେ ଥିବା ଗୋଟିଏ ରୁମରେ ବନ୍ଦୀ ହୋଇ ରହିବେ। ସେମାନଙ୍କୁ ସେଠାରେ ଖାଦ୍ୟ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ସୁବିଧା ଯୋଗାଇ ଦେବାକୁ ବାଚ଼ସ୍ପତି ନିର୍ଦ୍ଦେଶ ଦେଇଛନ୍ତି।

## ନାରାୟଣ ପାଟଣାରେ ମୃଦୁ ଭୂକମ୍ପ

ଜୟପୁର, ୩।୩(ପି.ଏନ): ନାରାୟଣ ପାଟଣା ଓ ଲକ୍ଷ୍ମୀପୁର ଆଖପାଖ ଅଂଚଳରେ ଆଜି ମୃଦୁ ଭୂ-କମ୍ପ ଅନୁଭୂତ ହୋଇଛି। ଭୋର୍ ୫ଟା ୫ ମିନିଟ୍ ରେ ଏହି ଭୂ-କମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲ୍ ରେ ଏହାର ତୀବ୍ରତା ଥିଲା ୩.୮। ଛତିଶଗଡ଼ ଜଗଦଳପୁର ଠାରୁ ୧୨୯ କି.ମି. ଦୂରରେ ରହିଥିଲା ଭୂକମ୍ପର କେନ୍ଦ୍ରସ୍ଥଳ। ଏନେଇ ନେସନାଲ ସେଂଟର ଫର୍ ସେସମୋଲୋଜି ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ କ୍ଷୟକ୍ଷତି ନେଇ ଅଦ୍ୟାବଧି କୌଣସି ସୂଚନା ମିଳିନାହିଁ।କୋରାପୁଟ, କାକିରିଗୁମ୍ମା, ଲକ୍ଷ୍ମୀପୁର, ନାରାୟଣପାଟଣା ଓ ରାୟଗଡ଼ା ଜିଲ୍ଲାର ରାୟଗଡ଼ା ସହର ସମେତ ଟିକିରି, କାଶୀପୁର, ମୁନିଗୁଡ଼ା, ବିଷମକଟକ ଆଦି ଅଂଚଳରେ ଏହି ଭୂକମ୍ପର ଝଟକା ଅନୁଭୂତ ହୋଇଛି।

## ନବ ଦାସ ହତ୍ୟା ମାମଲା: କ୍ରାଇମ୍‌ବ୍ରାଞ୍ଚକୁ କୋର୍ଟ ଦେଲେ ଝଟକା





ଭୁବନେଶ୍ୱର,୩।୪(ପି.ଏନ): ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ହତ୍ୟାକାଣ୍ଡ ମାମଲାର ଅଭିଯୁକ୍ତ ଗୋପାଳ ଦାସଙ୍କ ମାନସିକ ସ୍ଥିତିର ପୁନଃଯାଞ୍ଚ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କରାଯାଇଥିବା ଆବେଦନକୁ ଝାରସୁଗୁଡା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟ ଖାରଜ କରି ଦେଇଛନ୍ତି। ଏହା ପୂର୍ବରୁ କ୍ରାଇମବ୍ରାଞ୍ଚର ଏହି ଆବେଦନକୁ ତଳ କୋର୍ଟ ଖାରଜ କରିଥିଲେ। ତଳ କୋର୍ଟଙ୍କ ରାୟ ବିରୋଧରେ କ୍ରାଇମବ୍ରାଞ୍ଚ ଝାରସୁଗୁଡା ଜିଲ୍ଲା ଓ ଦୌରାଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲା।ଫେବ୍ରୁଆରୀ ୨୨ ତାରିଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଝାରସୁଗୁଡା ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରାଯାଇଥିଲା। ଗୋପାଳ ଦାସଙ୍କ ମାନସିକ ଅବସ୍ଥାର ପୁନଃ ଯାଞ୍ଚ କରିବାକୁ କ୍ରାଇମବ୍ରାଞ୍ଚ ତାଙ୍କୁ ବେଙ୍ଗାଲୁରୁ ସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ୍ ହେଲ୍‌ଥ ଆଣ୍ଡ ନ୍ୟୁରୋସାଇନ୍ସ (ନିମ୍‌ହାନ୍ସ)କୁ ନେବାକୁ ଚାହୁଁଥିଲା। ନିମ୍‌ହାନ୍ସରେ ତାଙ୍କୁ ୩ ସପ୍ତାହ ରଖିବାକୁ ପଡିବ ବୋଲି ଆବେଦନରେ କୁହାଯାଇଥିଲା। ୨୭ ତାରିଖରେ କୋର୍ଟ ଏହି ଆବେଦନକୁ ଗ୍ରହଣ କରିଥିଲେ। ମାର୍ଚ୍ଚ ୧ରେ ଅତିରିକ୍ତ ଜିଲ୍ଲା ଓ ଶୈରାଜଜ୍ ?ଙ୍କ କୋର୍ଟରେ ଏହାର ଶୁଣାଣି ହୋଇଥିଲା। ଆଉ ଆଜି ରାୟ ପ୍ରକାଶ କରି କ୍ରାଇମବ୍ରାଞ୍ଚର ଆବେଦନକୁ ଖାରଜ କରି ଦେଇଥିଲେ କୋର୍ଟ। ଗୋପାଳଙ୍କ ଓକିଲ କହିଛନ୍ତି, ଗୋପାଳଙ୍କ ମାନସିକ ଅବସ୍ଥାର ପୁନଃଯାଞ୍ଚ ପାଇଁ ତଳ କୋର୍ଟ ଅନୁମତି ନ ଦେବା ପରେ କ୍ରାଇମବ୍ରାଞ୍ଚ ଝାରସୁଗୁଡା ଜିଲ୍ଲା ଓ ଶୈରାଜଜ୍ ?ଙ୍କ ଅଦାଲତରେ ଏକ ରିଭିଜନ ଆବେଦନ କରିଥିଲା। ସେହି ରିଭିଜନକୁ ଜିଲ୍ଲା ଜଜ୍‌ଙ୍କ କୋର୍ଟରୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତକୁ ଟ୍ରାନ୍ସଫର କରାଯାଇଥିଲା। କୋର୍ଟରେ ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ସେମାନେ ଗୋପାଳଙ୍କ ପୁଲିସ୍ ରିମାଣ୍ଡ ମାଗୁ ନାହାନ୍ତି। ବିଶେଷଜ୍ଞ ଟିମ୍ ଗୋପାଳଙ୍କ ମାନସିକ ସ୍ଥିତିକୁ ବିସ୍ତାରିତ ଭାବେ ଯାଞ୍ଚ କରିବା ପାଇଁ ପରାମର୍ଶ ଦେଇଥିବାରୁ ସେମାନେ ଏହି ଆବେଦନ କରିଥିବା କୋର୍ଟଙ୍କୁ କହିଥିଲେ। ଆମର ଯୁକ୍ତି ଥିଲା ପୁଲିସ୍‌କୁ ଜିମା ଦେବା ଅର୍ଥ ଏହା ପୁଲିସ୍ ରିମାଣ୍ଡ। ନିୟମ ଅନୁଯାୟୀ ଆଉ ପୁଲିସ୍ ରିମାଣ୍ଡ ଦିଆଯାଇପାରିବ ନାହିଁ ବୋଲି ଆମେ କହିଥିଲୁ। ଆମେ ଆହୁରି ଯୁକ୍ତି କରିଥିଲୁ ଯେ ଏକ ୪ ଜଣିଆ ବିଶେଷଜ୍ଞ ଟିମ୍ ଗୋପାଳଙ୍କ ମାନସିକ ଅବସ୍ଥା ଯାଞ୍ଚ କରିଛନ୍ତି ଓ ସେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି କହିଛନ୍ତି। ତା'ହେଲେ ପୁଣି ଥରେ କ'ଣ ପାଇଁ ତାଙ୍କର ମାନସିକ ସ୍ଥିତି ଯାଞ୍ଚ କରିବା ପାଇଁ କୁହାଯାଉଛି।

## ଗ୍ୟାସ ସିଲିଣ୍ଡର ଦାମ ବୃଦ୍ଧି ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ପ୍ରତିବାଦ

ଭୁବନେଶ୍ୱର, ୩।୩(ପି.ଏନ):ଗ୍ୟାସ ସିଲିଣ୍ଡର ଦାମ ବୃଦ୍ଧି ପ୍ରତିବାଦରେ ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ଆଜି ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି। ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜଭବନ ସମ୍ମୁଖରେ ଗ୍ୟାସ ସିଲିଣ୍ଡର ରଖି, ଚୁଲି ଜାଳି ପ୍ରତିବାଦ କରିଛନ୍ତି। ରାଜଧାନୀରେ ବିଜୁ ମହିଳା ଜନତା ଦଳର କର୍ମୀମାନେ ରାଜଭବନ ଆଗରେ ଚୁଲି ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ରାଜଭବନ ଆଗରେ ବିରୋଧ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା କରି ବର୍ଦ୍ଧିତ ଗ୍ୟାସ ଦର ପ୍ରତ୍ୟାହାର କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।ଏହି ଅବସରରେ ବିଜୁ ମହିଳା ଜନତା ଦଳର ନେତା ଓ ପଦାଧିକାରୀ ମାନେ କହିଛନ୍ତି ତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ସହିତ ଇନ୍ଧନ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ଓଡିଶାର ୪.୫ କୋଟି ଲୋକଙ୍କୁ ବହୁତ ଯନ୍ତ୍ରଣା ଦେଉଥିବାବେଳେ ଏଲପିଜି ରନ୍ଧନ ଗ୍ୟାସର ମୂଲ୍ୟ ହ୍ରାସ କରିବାକୁ କେନ୍ଦ୍ର ଗୁରୁତ୍ୱ ଦେଉଥିବା ମନେ ହେଉନାହିଁ। ମାର୍ଚ୍ଚ ୨୦୧୪ ରେ ଗୋଟିଏ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୪୧୦ ଟଙ୍କା ଥିଲାବେଳେ ବର୍ତ୍ତମାନ ତାହା ୨୦୨୩ ମାର୍ଚ୍ଚ ପହିଲାରୁ ୧୧୦୩ ଟଙ୍କା ହୋଇଛି। ଆପଣ ଦେଖୁଛନ୍ତି ଯେ ଗତ ୯ ବର୍ଷ ମଧ୍ୟରେ ଗୋଟିଏ ରନ୍ଧନ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ପ୍ରାୟ ୩ ଗୁଣ ବୃଦ୍ଧି କରାଯାଇଛି।ଗୋଟିଏ ପଟେ କେନ୍ଦ୍ର ସରକାର ଶସ୍ତା ରନ୍ଧନ ଗ୍ୟାସ କଥା କହୁଥିବାବେଳେ ଅନ୍ୟପଟେ ରନ୍ଧନ ଗ୍ୟାସ ଦର ବଢାଇ ଚାଲିଛନ୍ତି।ସେମାନେ କହିଛନ୍ତି ଯେ ରନ୍ଧନ ଗ୍ୟାସର ଏପରି ଆକାଶଛୁଆଁ ଦରବୃଦ୍ଧି ହେତୁ ଲକ୍ଷ ଲକ୍ଷ ମା' ଓ ଭଉଣୀମାନେ ଏହି ଗ୍ୟାସ ସିଲିଣ୍ଡର ଭରି ନପାରି ପୁନର୍ବାର ଜାଳେଣି କାଠ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। କେନ୍ଦ୍ର ସରକାର ଏନଏସଏଫଏ ଅଧିନରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମଜିକେଏୱାଇ) ରେ ପ୍ରତି ବ୍ୟକ୍ତିଙ୍କ ପାଇଁ ଦେଉଥିବା ମାସିକ ୫ କିଲୋଗ୍ରାମ ମାଗଣା ଚାଉଳକୁ ବନ୍ଦ କରିଦେଲେ। ବର୍ତ୍ତମାନ ୯ ବର୍ଷରେ ରନ୍ଧନ ଗ୍ୟାସର ମୂଲ୍ୟ ତିନି ଗୁଣା ବୃଦ୍ଧି କରି ସେମାନେ ସାଧାରଣ ଲୋକଙ୍କ ରୋଷେଇ ଘର ଏବଂ ପରିବାର ଉପରେ ଦୁଇଗୁଣା ବୋଝ ଲଦି ଦେଇଛନ୍ତି।ସେମାନେ ଏହି ପ୍ରସଙ୍ଗରେ ଓଡିଶା ବିଜେପି କାହିଁକି ଚୁପ୍ ଅଛି ବୋଲି ପ୍ରଶ୍ନ କରିବା ସହ ସେମାନେ କାହିଁକି ଏହିପରି ସମସ୍ୟା ବିଷୟରେ ଆଲୋଚନା କରିବାକୁ ଚାହୁଁନାହାଁନ୍ତି ଯାହା ସାଧାରଣ ପୁରୁଷ ଏବଂ ମହିଳା, ତାଙ୍କ ରୋଷେଇ ଘର, ପରିବାର, ଜୀବନ ଏବଂ ଜୀବିକା ଉପରେ ପ୍ରଭାବ ପକାଇଥାଏ? ରନ୍ଧନଗ୍ୟାସ ମୂଲ୍ୟ ବୃଦ୍ଧି ଯୋଗୁଁ ଓଡିଶାର ମା'ମାନଙ୍କ ଆଖିରୁ ବାହାରୁଥିବା ଲୁହ ଅପେକ୍ଷା କ'ଣ ରାଜନୀତି କରିବା ଓଡିଶା ବିଜେପି ପାଇଁ ଗୁରୁତ୍ୱପୂର୍ଣ୍ଣ କି ବୋଲି ବିଜେଡି ପ୍ରଶ୍ନ କରିଛି।

## ଟୋପାଏ ପାଣି ପାଇଁ ଡହଳ ବିକଳ ଜଡ଼ାକେନ୍ଦୁ ସାହି ବାସିନ୍ଦା

ଚମ୍ପୁଆ, ୩।୩(ପି.ଏନ): ଶୁଖିଲା କୂଅ ଏକ ମାତ୍ର ବଂଚିବାର ରାହା। ଗରାଏ ପାଣି ପାଇଁ ପ୍ରତିଦିନ ସକାଳୁ ଲାଗୁଛି ଲମ୍ବା ଲାଇନ। ଧାଡିରେ ଛିଡା ହୋଇ ହୋଇ ତଂଟି ମୁହଁ ଶୁଖି ଯାଉଛି ହେଲେ ଗରା ଭରୁନି। ଶୁଖିଲା କୂଅରୁ ଯାହା ଟିକେ ପାଣି ସଂଗ୍ରହ ହେଉଛି ସମସ୍ତେ ବାଂଟି ନେଇ ଶାନ୍ତି ହେବାକୁ ପଡୁଛି। ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଓଡିଶାର ଧନୀ ଜିଲ୍ଲା କେନ୍ଦୁଝରର କୁବେର ପୁରୀ କୁହାଯାଉଥିବା ଚମ୍ପୁଆ ଉପଖଣ୍ଡରେ ଥିବା ବଡନେଉଳି ପଂଚାୟତ ଅନ୍ତର୍ଗତ ଜଡ଼ାକେନ୍ଦୁ ସାହିରେ। ତାହା ପୁଣି ବଡ ନେଉଳି ସରପଂଚଙ୍କ ନିଜ ଗ୍ରାମରେ। ନିଜ ଗ୍ରାମ, ସାହି ତଥା ନିଜର ସରପଂଚ ଥାଇ ବି ଜଳ କଷ୍ଟରୁ ବର୍ତି ପାରିଲେ ନାହିଁ ଗ୍ରାମବାସୀ। ମୁନ୍ଦାଏ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ନା ପଡୁଛି ପ୍ରଶାସନର ନଜର ନା ପଡୁଛି ରାଜନେତାଙ୍କ ନଜର। ପିଇବା ପାଣି ମୁନ୍ଦାଏ ପାଇଁ ଡହଳ ବିକଳ ହେବାକୁ ପଡୁଛି। ପଂଚାୟତରୁ ବ୍ଲକ ଦଉଡି ଦଉଡି ନୟାନ୍ତ ହୋଇ ପଡ଼ିଥିଲେ ମଧ୍ୟ ଏମାନଙ୍କ ସମସ୍ୟା ଉପରେ କାହାରି ନଜର ପଡୁ ନାହିଁ। ସରକାରଙ୍କ ଯୋଜନା ଉପରେ ଯୋଜନା ସବୁ ଫେଲ। ଭାଗ୍ୟକୁ ଆଦରି ପଡି ରହିଛନ୍ତି ଗ୍ରାମବାସୀ।ସୂଚନା ଅନୁଯାୟୀ, ଉପାନ୍ତ ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଝୁମ୍ପୁରା ବ୍ଲକ ବଡନେଉଳି ଗ୍ରାମ ପଂଚାୟତସ୍ଥ ଜଡ଼ାକେନ୍ଦୁ ସାହିରେ ଜଳ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ନେବାରେ ଲାଗିଛି। ପାଖାପାଖି ୭୦ ଘର ପରିବାରକୁ ନେଇ ରହିଥିବା ଏହି ଜଡ଼ାକେନ୍ଦୁ ସାହିରେ ଥିବା ଦୁଇଟି ନଳକୂପରେ ବାହାରୁଥିବା ପାଣିରେ ଗୋଟାଏ ଗରା କି ବାଲ୍ଟି ବି ଭରିବା କଷ୍ଟ। ଗ୍ରାମରେ ଥିବା ବିଦ୍ୟାଳୟରେ ବି ନଳକୂପଟିଏ ନାହିଁ। ଏ କ୍ଷେତ୍ରରେ ଗ୍ରାମରେ ଥିବା କୂଅ ହିଁ ଏକମାତ୍ର ସାହା ଭରସା ହୋଇଥିବା ବେଳେ ଏବେ କୂଅ ବି ଶୁଖିଗଲାଣି, ଦୈନିକ ଯେତିକି ପାଣି ସଂଗ୍ରହ ହେଉଛି ତାକୁ ସମସ୍ତ ଗ୍ରାମବାସୀ ବାଂଟି ନେଇ ଚଳୁଛୁ। ପଂଚାୟତ କାର୍ଯ୍ୟାଳୟ ସହିତ ବ୍ଲକକୁ ଦୌଡି ଦୌଡି ଥକି ପଡିଲୁଣି, ହେଲେ ଆମର କଥା କେହି ଶୁଣୁନାହାନ୍ତି, ଖରାଦିନ ପହଂଚିବା ପୂର୍ବରୁ ଗ୍ରାମର ଯଦି ଏହି ଅବସ୍ଥା ଆଗକୁ କେମିତି ଚଳିବୁ ବୋଲି ଅତି ଦୁଃଖର ସହିତ ପ୍ରକାଶ କରିଥିବା ବେଳେ ଏ ସମ୍ପର୍କରେ ସରପଂଚ ନିରଞ୍ଜନ ସଏଙ୍କୁ ଯୋଗାଯୋଗ କରିବାରୁ ଗ୍ରାମରେ ପ୍ରତିବର୍ଷ ଖରାଦିନରେ ପାଣିର ଘୋର ସମସ୍ୟା ଦେଖା ଦେଇଥାଏ। ଖୁବଶୀଘ୍ର ପାଣି ଟାଙ୍କିର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ତେବେ ଗ୍ରାମରେ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କଣ ପଦକ୍ଷେପ ନିଆଯାଉଛି ବୋଲି ପଚାରିବାରୁ ଯଥାଶୀଘ୍ର ସ୍କୁଲରେ ଗୋଟାଏ ନଳକୂପ ବସାଯିବା ସହିତ କୂଅଟିକୁ ପୁନଃ ମରାମତି କରିବାର ଯୋଜନା ରହିଛି ବୋଲି ପ୍ରକାଶ କରିଥିଲେ। ତେବେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଗ୍ରାମରୁ ଜଳ କଷ୍ଟ ଦୂର କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଯ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଯ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

# ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୦୪

# ଜାମସେଦ୍‌ଜୀ ଟାଟା

ଜାମସେଦ୍‌ଜୀ ନୁସେରୱାନଜି ଟାଟାଙ୍କର ଭାରତୀୟ ଉଦ୍ୟୋଗ ଜଗତ ପ୍ରତି ଯଥେଷ୍ଟ ଅବଦାନ ରହିଛି । ତାଙ୍କୁ ଭାରତୀୟ ଉଦ୍ୟୋଗ ଜଗତର ଜନକ ଭାବେ ଅଭିହିତ କରାଯାଇଥାଏ । ସେ ଗୁଜୁରାଟର ବରୋଦା ଅନ୍ତର୍ଗତ ନବସରୀ ଠାରେ ୧୮୩୯ ମସିହା ମାର୍ଚ୍ଚ ତିନି ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ୧୪ ବର୍ଷ ବୟସରେ ମୁମ୍ବାଇ ଚାଲିଆସି ପିତାଙ୍କ ବ୍ୟବସାୟରେ ସାହାଯ୍ୟ କରିଥିଲେ । ୨୯ ବର୍ଷ ବୟସରେ ୨୧ ହଜାର ଟଙ୍କାର ପୁଞ୍ଜିରେ ସେ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଥିଲେ । ଦେବାଳିଆ ଅବସ୍ଥାରେ ଥିବା ଏକ ତେଲ କାରଖାନାକୁ କିଣି ସେଠାରେ ସେ ଏକ ତୁଳା ଫ୍ୟାକ୍ଟ୍ରି ପ୍ରତିଷ୍ଠା କରିଥିଲେ । ପରେ ନିଜର ଦୂରଦୃଷ୍ଟି ବଳରେ ସେ ବିଶାଳ ଟାଟା ସମୂହ ପ୍ରତିଷ୍ଠା କରିପାରିଥିଲେ । ଜାମସେଦ୍‌ଜୀ ସେହି ସମୟରେ ଭାରତରେ ଉଦ୍ୟୋଗ ବିକାଶ ଆରମ୍ଭ କରିଥିଲେ, ଯେଉଁ ସମୟରେ ବ୍ୟବସାୟ କେବଳ ଇଂରେଜ ତଥା ୟୁରୋପୀୟମାନେ ବ୍ୟବସାୟ କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିଥିଲେ । ଟାଟା ଇଂଲଣ୍ଡ ଯାତ୍ରା କରି ସେଠାରେ କପଡ଼ା କାରଖାନାରେ ଉପାଦନ ଏବଂ ଜଳବାୟୁର ଅନୁଧାନ କରିଥିଲେ । ପରେ ସେ ନାଗପୁର ଚାଲି ଆସି ସେଠାରେ ଏକ କପଡ଼ା କାରଖାନା ଆରମ୍ଭ କରିଥିଲେ । ତାଙ୍କ ଉଦ୍ୟୋଗ ବିକାଶ ସେତିକିରେ ଅଟକି ନଥିଲା । ସେ ମୁମ୍ବାଇର କୋଲାବ ଠାରେ ତାଜମହଲ ହୋଟେଲ୍ ପ୍ରତିଷ୍ଠା କରିଥିଲେ । ଯାହା ସେ ସମୟରେ ନିଜ ଶ୍ରେଣୀରେ ଏକ ବିଶ୍ୱସ୍ତରୀୟ


ବାଦଲ ଭୂୟାଁ

ହୋଟେଲ ଥିଲା । ଜାମସେଦ୍‌ଜୀଙ୍କ ଦୂରଦୃଷ୍ଟି ଯୋଗୁଁ ତାଙ୍କ ଦେହାନ୍ତ ୧୯ ମେ ୧୯୦୪ ପରେ ଟାଟା ସମୂହ କେବଳ ଭାରତରେ ନୁହେଁ ବିଶ୍ୱରେ ଏକ ବିଶାଳ ଔଦ୍ୟୋଗିକ ଅନୁଷ୍ଠାନରେ ପରିଣତ ହୋଇଥିଲା । ଟାଟା ଷ୍ଟିଲ, ଟାଟା ପାୱାର ଭଳି ଉଦ୍ୟୋଗ ପ୍ରତିଷ୍ଠା ସହ ଦେଶର ଅର୍ଥନୈତିକ ଏବଂ ସାମାଜିକ କ୍ଷେତ୍ରକୁ ବିଶେଷ ଯୋଗ ଦାନ ଦେଇ ଆସିଛି ଟାଟା ଗ୍ରୁପ୍ । ସମଗ୍ର ପୃଥିବୀରେ ଟାଟା ସାମ୍ରାଜ୍ୟର ପ୍ରଗତିର ବିଶାଳ ମାଇଲଷ୍ଟୋନ ଉଦ୍ୟୋଗ ଓ ବାଣିଜ୍ୟ ମହଲକୁ ପ୍ରେରଣା ଯୋଗାଏ । ଆଜି ଝାଡ଼ଖଣ୍ଡର ପ୍ରଗତିରେ ଟାଟା ଗ୍ରୁପର ଅବଦାନ ବହୁତ । ସେଥିପାଇଁ ଟାଟା ନଗରର ସହର ଭାରତର ଶିଳ୍ପ ଉଦ୍ୟୋଗ ଜଗତ ପାଇଁ ଏକ ସ୍ମରଣୀୟ ସହର ଭାବେ ପରିଚିତ ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

# ଜାତୀୟ ପ୍ରତିରକ୍ଷା ଦିବସ

ଦେଶମାତୃକାରେ ସେବାରେ ସଦା ଉତ୍ସର୍ଗୀକୃତ ଆମର ସେନାବାହିନୀ ଜଳ, ସ୍ଥଳ ଓ ଆକାଶର ସୁରକ୍ଷା ପାଇଁ ଆମ ଦେଶରେ ସେନାକୁ ତିନି ଭାଗରେ ବିଭକ୍ତ କରାଯାଇଛି । ସ୍ଥଳସେନା, ନୌସେନା ଓ ବାୟୁସେନାର ଯବାନ ମାନେ ଏ ଦେଶର ସୁରକ୍ଷା, ଦେଶ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ତଥା ଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିଥାନ୍ତି । ଏହି ତିନି ସେନାର ନବ କ୍ୟାଡ଼ରମାନଙ୍କୁ ତାଲିମ ପ୍ରଦାନ କରିବାକୁ ମହାରାଷ୍ଟ୍ର ପୁନେର ଖାଡ଼ାଖ୍ୱାସଲାରେ ରହିଛି ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନ । ଏହି ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସକୁ ଜାତୀୟ ପ୍ରତିରକ୍ଷା ଦିବସ ଭାବେ ପାଳନ କରାଯାଏ ।୧୯୪୧ ମସିହାରେ ସୁଦାନ ମୁକ୍ତି ସଂଗ୍ରାମରେ ଭାରତ ଭାଗ ନେଇ ସେ ଦେଶକୁ ସ୍ୱାଧୀନ କରିଥିଲା । ଏହାର ଫଳସ୍ୱରୂପ ସୁଦାନ ସରକାର ଭାରତକୁ ଉପହାର ଭାବେ ୭୦ ହଜାର ଡଲାର ଅର୍ଥ ଦାନ କରିଥିଲେ । ସେହି ଅର୍ଥରୁ ଦେଶ ବିଭାଜନ ପରେ ଭାରତ ଭାଗ୍ୟରେ ପଡ଼ିଥିଲ ୪୦ ହଜାର ଡଲାର । ତେବେ ସୁଦାନ ସରକାରଙ୍କ ସର୍ତ୍ତ ଅନୁସାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ଥକୁ ଖର୍ଚ୍ଚ କରାଯିବ । ତେଣୁ ସେହି ଅର୍ଥରେ ୧୯୪୭ ମସିହାରେ ପୁନେର ପ୍ରତିଷ୍ଠା କରାଯାଇଥିଲା ଏନ୍‌ଡିଏ । ଏହା ୧୯୪୯ ମସିହାରେ କାର୍ଯ୍ୟକ୍ଷମ ହୋଇ ସେହିବର୍ଷ ମାର୍ଚ୍ଚ


ଡ଼ଃ.ଅରୁନ୍ଧତୀ ଦେବୀ

୩ ତାରିଖରେ ପ୍ରଥମ ବ୍ୟାଚ୍ ତାଲିମ ଶେଷ କରି ସେନାରେ ଭାଗ ନେଇଥିଲେ । ତେଣୁ ସେହି ଦିନର ସ୍ମୃତିକୁ ବହନ କରି ପ୍ରତିବର୍ଷ ୩ ତାରିଖରେ ପାଳନ କରାଯାଏ ଜାତୀୟ ପ୍ରତିରକ୍ଷା ଦିବସ । ଏହି ପ୍ରତିଷ୍ଠାନ ନିର୍ମାଣ ପୂର୍ବରୁ ଭାରତୀୟ ସ୍ଥଳ ସେନା ଡେରାଡୁନ୍‌ରେ ଏବଂ ନୌସେନା ଓ ବାୟୁସେନା ବିଦେଶରେ ତାଲିମ ନେଉଥିଲା । କିନ୍ତୁ ଏନ୍‌ଡିଏ ପ୍ରତିଷ୍ଠା ଦ୍ୱାରା ଗୋଟିଏ ସ୍ଥାନରେ ତିନି ସେନାର ଯବାନମାନଙ୍କୁ ଏକକାଳୀନ ତାଲିମ ପ୍ରଦାନ କରାଯାଇଆସୁଛି ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

# ଚାରି ପ୍ରକାରର ଜୀବନ

ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ । ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୁନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, 'ବହୁଜନ ହିତାୟ ବହୁଜନ ସୁଖାୟ'କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ ।

ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱୟଂକୁ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ । ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧ୍ୟାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ


ଶ୍ୟାମ ସୁନ୍ଦର ସାମଲ

ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ । ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ ।

ପ୍ରେମ ହିଁ ଈଶ୍ୱର । ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ । ଦେବ ପ୍ରୀତି, ପାପଭୀତି ଓ ସତ୍‌ନୀତି । ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍ଥାନରେ ସହାୟକ ହେବ । ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି । ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି । ଏହା ରହସ୍ୟମୟ, ବିସ୍ମୟକର ଓ ଅଦ୍ଭୁତ । ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଉଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରୁଛୁ । ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି । ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ । ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି । ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରଯନ୍ତ୍ରବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ । ପ୍ରେମ ବିନା କେହି ରହିପାରିବେ ନାହିଁ । ପଶୁ ଓ ପକ୍ଷୀମାନଙ୍କ ମଧ୍ୟ ପ୍ରେମ ଅଛି । ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ । ସେ ବାଛୁରୀକୁ ସଫାକରି ଦିଏ । ନିର୍ମଳତା ହିଁ ଦିବ୍ୟତ୍ୱ । ନିର୍ମଳତା ବିକଶିତ ହେବା ଉଚିତ । ଏହା ଏକତ୍ୱକୁ ଉଦ୍ଭାସିତ କରେ ଓ ଦିବ୍ୟତ୍ୱ ଆଡ଼କୁ ନେଇଯାଏ । କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି । ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ । ମଣିଷ ନିଜକୁ ଦିବ୍ୟତ୍ୱକୁ ଉନ୍ନତ କରିବାକୁ ଚେଷ୍ଟା କରିବା ଉଚିତ । ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ । ବୈଦିକ ଉପଦେଶ ହେଉଛି 'ସତ୍ୟ ବଦ, ଧର୍ମ ଚର ।' ସତ୍ୟ କହିବା ସହଜ । ମିଛ କହିବା ଓ ତାକୁ ରକ୍ଷା କରିବା ଅତି କଷ୍ଟ । ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ । ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର । ପ୍ରେମର ବିକାଶ କର । ପ୍ରେମ ହିଁ ଈଶ୍ୱର । ପ୍ରେମରେ ବାସକର ।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ,
ଦୂରଭାଷ : ୯୭୮୭୬୩୫୯୨୬

# ପିଲାଙ୍କ ପାଇଁ ହୋଲି

ଫଗୁଣର ମହକକୁ ସଜେଇ ସାଜି ଫଗୁ ଫଗୁଣର ହୋଲି । ତେବେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଅଭିର ଆନନ୍ଦ ଠାରୁ ରଙ୍ଗ ପିଚକାରୀ ଖେଳର ହୋଲି ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସତର୍କତା ରହିଛି । ପ୍ରାୟତଃ ଗ୍ରୀଷ୍ମ ଛୁଟି ସମୟ ହୋଇଥିବାରୁ ପିଲାମାନେ ଏହି ଫଗୁଣର ଆନନ୍ଦରେ ହଜାଇବାକୁ ଚାହାଁନ୍ତି । ତେବେ ପିଲାମାନଙ୍କ ପାଇଁ ସତର୍କତାର ଅଭାବ ରହିଲେ ଏହା ସେମାନଙ୍କ ପାଇଁ ହୁଏତ କଷ୍ଟର କାରଣ ବି ହୋଇପାରେ । ପ୍ରାୟତଃ ଦେଖାଯାଇଥାଏ ପିଲାମାନେ ହୋଲିରେ ବେଶ୍ ଖୁସି ମଜାସ୍ ଭିତରେ ସମୟକୁ କଟାଇବାକୁ ଚାହିଁଥାନ୍ତି । ଏହା ଭିତରେ ସେମାନେ ରଙ୍ଗର ତାତ୍ପର୍ଯ୍ୟତା ଓ ବୈଜ୍ଞାନିକ କାରଣ ଏହା ସହ ତତ୍‌ଜନିତ କୁପ୍ରଭାବ ସମ୍ପର୍କରେ ଚିନ୍ତା କରିବାର ସୁଯୋଗ ସମ୍ଭବତଃ ପାଇନଥାନ୍ତି । ପିଲାମାନେ ସ୍ୱାଭାବିକ ଭାବେ ଖେଳକୁଦ କରି ସମୟକୁ ବେଶ୍ ହସଖୁସି ସହ କଟାଇବାକୁ ଚାହୁଁଥିଲେ ବି ସାମାନ୍ୟ ସତର୍କତାର ଅଭାବ ରହିଲେ ଏହା ପିଲାମାନଙ୍କ ପାଇଁ କଷ୍ଟ ଓ ଯନ୍ତ୍ରଣାର ଅବସର ସୃଷ୍ଟି କରିଥାଏ । ବର୍ତ୍ତମାନ ବଜାରରେ ଯେଉଁ ପ୍ରକାର ରଙ୍ଗ ବିକ୍ରୀ ହେଉଛି ତାହା କୋମଳମତି ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ କି ନୁହେଁ ଏହା ହିଁ ସବୁଠାରୁ ବଡ଼ ପ୍ରଶ୍ନ । କାରଣ ରଙ୍ଗ ବେପାରୀମାନେ ବୁଝି ନଥାନ୍ତି ଯେ ଏହା ପିଲାଙ୍କ ପାଇଁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଠିକ୍ ବା ଭୁଲ ? ଅଧିକାଂଶ କ୍ଷେତ୍ରରେ ଦେଖାଯାଇଥାଏ ପିଲାମାନେ ସର୍ବପ୍ରଥମେ ଚର୍ମ ସମସ୍ୟା ଠାରୁ ଆଖି ସମସ୍ୟା ଏପରିକି ଭେଷଜ ସମସ୍ୟା ଠାରୁ ଶିଶୁରୋଗ ବିଭାଗର ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହୋଇଥାନ୍ତି । ପ୍ରଥମତଃ ପିଲାମାନେ ଆନନ୍ଦ ସହକାରେ ହୋଲିରେ ନିଜକୁ ହସଖୁସିର ସହିତ ପରିବାର କେହିବି ହୁଅନ୍ତୁ ବା ସାଙ୍ଗସାଥୀ ଖୁସିରେ କଟାଇବାକୁ ଚାହାଁନ୍ତି କିନ୍ତୁ ବର୍ତ୍ତମାନ କେତେକ କ୍ଷେତ୍ରରେ ରଙ୍ଗ ବ୍ୟବସାୟୀମାନେ କୁପ୍ରଭାବ ରହୁଥିବା ରଙ୍ଗ ସମ୍ମିଶ୍ରଣକୁ ମିଶାଉଥିବାରୁ ଏହା ପରବର୍ତ୍ତୀ ସମୟରେ ପିଲାଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଥିଲେବି ସେମାନେ କିନ୍ତୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଚିନ୍ତା କରିନଥାନ୍ତି । କିନ୍ତୁ ବଡ଼ ଖୁସିର କଥା ସରକାର ହୋଲି ସମୟରେ


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ପିଲାମାନଙ୍କ ସ୍ୱାସ୍ଥ୍ୟ ଖବରକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତା କରି ରାଜ୍ୟର ବଡ଼ ମେଡ଼ିକାଲ ହେଉ ବା ଶିଶୁଭବନ, ଜିଲ୍ଲା ହସ୍‌ପିଟାଲ ହେଉ ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସବୁଠାରେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ଚିକିତ୍ସା ବା ପରାମର୍ଶକୁ ଗୁରୁତ୍ୱ ଦେଇଥାନ୍ତି । ପିଲାମାନେ ସ୍ୱଭାବିକ ଭାବରେ ଖେଳ ଓ ଆନନ୍ଦ ପ୍ରିୟ ହୋଇଥିବାରୁ ସେମାନେ ପରବର୍ତ୍ତୀ ତତ୍‌ଜନିତ ପାର୍ଶ୍ୱପ୍ରତିକ୍ରିୟାକୁ ଚିନ୍ତା କରିନଥାନ୍ତି ଯାହାକି ସବୁଠାରୁ ବଡ଼ ସମସ୍ୟାର କାରଣ ହୋଇଥାଏ । ଅଭିରର ରଙ୍ଗ ଗୁଣ୍ଡ କେତେକ କ୍ଷେତ୍ରରେ ଖରାପ ହୋଇପାରିନଥାଏ ସତ କିନ୍ତୁ ବର୍ତ୍ତମାନ ବଜାରରେ ବିକ୍ରୀ ହେଉଥିବା ରାସାୟନିକ ରଙ୍ଗଯୁକ୍ତ ଅଭିର ହେଉ ବା ହୋଲି ପିଚ୍‌କାରୀର ରଙ୍ଗ ଏହା ନିଶ୍ଚିତ ଭାବେ ପିଲାମାନଙ୍କ ବିଶେଷ କରି ଚର୍ମ କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି କରିଥାଏ । ଦ୍ୱିତୀୟତଃ ପିଲାମାନେ ବେଳେ ବେଳେ ରଙ୍ଗ ବୋଳିକା କ୍ଷେତ୍ରରେ ଚକ୍ଷୁକୁ ଗୁରୁତ୍ୱ ଦେଉନଥିବାରୁ ଏହା ସବୁଠାରୁ ମୂଲ୍ୟବାନ ଚକ୍ଷୁକୁ ହିଁ ପ୍ରଭାବିତ କରିବାର ସମ୍ଭାବନାକୁ ସୃଷ୍ଟି କରିପାରେ ଯାହାକି ପରବର୍ତ୍ତୀ ସମୟରେ କୋମଳମତି ପିଲାଙ୍କ ପାଇଁ ଯନ୍ତ୍ରଣାର କାରଣ ହୋଇଥାଏ । ସବୁଠାରୁ ବଡ଼ ଖୁସିର କଥା ବିଶେଷକରି ହୋଲି ସମୟରେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଭାବରେ ତତ୍ପରତା ପ୍ରକାଶ ପାଇଥାଏ । ଏହାର ଯଥେଷ୍ଟ ପୂର୍ବରୁ ଗଣମାଧ୍ୟମରେ ପିଲାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କତା ସମ୍ବନ୍ଧରେ ବିଭିନ୍ନ ସଚେତନଧର୍ମୀ, ବିଜ୍ଞାପନ ଓ ଲେଖା ପ୍ରକାଶ ପାଇଥାଏ । ପିଲାମାନଙ୍କ ପାଇଁ ହୋଲି ଓ ରଙ୍ଗର ମହାପାର୍ବଣ ବେଶ୍ ହସଖୁସିରେ ବିତୁ ଏହା ସମସ୍ତେ ଚାହିଁଥାନ୍ତି କିନ୍ତୁ ସାମାନ୍ୟ ଅସତର୍କତା ରହିଲେ ଏହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ କଷ୍ଟର ସମସ୍ୟାକୁ ନେଇ ଏକ ବିରାଟ ବଡ଼ ପାହାଡ଼ ସୃଷ୍ଟି କରିଥାଏ । ଏହି ସମୟରେ ପ୍ରାୟତଃ ବିଦ୍ୟାଳୟ ଓ ଶିକ୍ଷାୟତନ ଛୁଟି ନେଉଥିବାରୁ ପିଲାମାନେ ଛୁଟି ଅବସର ପାଇ ରଙ୍ଗ ଓ ଫଗୁଣର ମହୋତ୍ସବକୁ ବେଶ୍ ହସଖୁସିର ସହିତ ପାଳନ କରୁଥିଲେ ବି ସେମାନଙ୍କର ସାମାନ୍ୟ ସତର୍କତାର ଅଭାବ ପରବର୍ତ୍ତୀ ସମୟରେ ଅତ୍ୟନ୍ତ କଷ୍ଟକର ମୁହୂର୍ତ୍ତ ସୁଯୋଗକୁ ନେଇ ସୃଷ୍ଟି କରିଥାଏ । ସମ୍ପ୍ରତି ସରକାର ସବୁଠାରୁ କ୍ଷୁଦ୍ରତମ କୁହାଯାଉଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହେଉ ବା ଗୋଷ୍ଠୀସ୍ତରୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ହେଉ ବା ସବୁଠାରୁ ଶିଶୁରୋଗ ବିଭାଗ ପାଇଁ ସର୍ବାଧିକ ସ୍ୱାସ୍ଥ୍ୟ ସେବା ଗୁରୁତ୍ୱକୁ ପ୍ରାଥମିକତା ଦିଆଯାଉଥିବା କଟକର ଶିଶୁଭବନ, ହୋଇପାରେ ସବୁଠାରୁ ବଡ଼ ହସ୍‌ପିଟାଲ । ରାଜ୍ୟ ସରକାର ଏହି ନିଷ୍ପାପ କୋମଳମତି ଶିଶୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ ଚିନ୍ତା କରି ସେମାନଙ୍କ ଚିକିତ୍ସା ଓ ପରାମର୍ଶକୁ ଅଧିକ ଗୁରୁତ୍ୱ ଦେଇ ଚିକିତ୍ସା ସେବାକୁ ତ୍ୱରାନ୍ୱିତ କରିଥାନ୍ତି । ଏହାକୁ ଚିନ୍ତା କରି ପ୍ରାୟତଃ ଶିଶୁରୋଗୀମାନେ ସରକାର ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆପଣାଇଲେ ନିଶ୍ଚିନ୍ତ ଭାବେ ପିଲାମାନେ ବେଶ୍ ହସଖୁସିର ସହିତ ହୋଲିକୁ ପାଳିପାରିବେ ଏଥିରେ ଦ୍ୱିରୋକ୍ତି ନାହିଁ ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

ଆଜକୁ ଆଠ ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି । ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଇସ୍କନ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥାନ୍ତି । ପୁରାଣବିତ୍‌ଙ୍କ ମତରେ ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ । କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଶୁଭାରମ୍ଭ ହୋଇଥିଲା । କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ ଶ୍ରୀ ନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ । ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି – ଏକ ଜ୍ୟୋତ୍ସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ । ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ । ଏହି ନୃତ୍ୟ ଚିରନ୍ତନ । ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ । ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ । ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ । ରାସଲୀଳା ହେଉଛି ଏହାର ଇଙ୍ଗିତ । ଜୀବକୁଳ ଯଦି ଏହି ଭାବରେ କୁଳମାଲିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ । ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି । ସେଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍‌ଟ୍ରନର ଆବର୍ତ୍ତନ । ଶ୍ରୀକୃଷ୍ଣଙ୍କର ଲୀଳାକାଳରେ ଏକ ବିଶେଷ ଅଂଶ ଘଟେ ବୃନ୍ଦାବନରେ । ସେଠାରେ ସେ ବହୁ ଅସୁର ମାନଙ୍କର ନିଧନ କରି ବହୁ ଶରଣାଗତଙ୍କୁ ରକ୍ଷା କରିଛନ୍ତି । ଏହି ବୃନ୍ଦାବନ ହେଉଛି ଏକ ସ୍ଥାନର ନାମ । ଶ୍ରୀକୃଷ୍ଣ ବୃନ୍ଦାବନକୁ ଏତେ ଭଲପାନ୍ତି ଯେ ସେ ବୃନ୍ଦାବନ ପରିତ୍ୟାଗ କରି ଅନ୍ୟତ୍ର ଯିବାକୁ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଚାହାଁନ୍ତି ନାହିଁ – ବୃନ୍ଦାବନଂ ପରିତ୍ୟାଜ୍ୟ ପାଦମେକଂ ନ ଗଚ୍ଛାମି । କିନ୍ତୁ ବୃନ୍ଦାବନ ବାଲ୍ୟଲୀଳା ପରେ ମଧ୍ୟ ଶ୍ରୀକୃଷ୍ଣ ଲୀଳା କରିଛନ୍ତି ମଥୁରା, ହସ୍ତିନାପୁର ଓ ଦ୍ୱାରକାରେ । ଏହି ପ୍ରସଙ୍ଗରେ ଦୟାଲ ଶ୍ରୀ ଶ୍ରୀ ଠାକୁର କହିଛନ୍ତି – ବୃନ୍ଦାବନ ଶବ୍ଦ ଭିତରେ ଅଛି ବୃନ୍ଦ ଓ ଅବନ । ବୃନ୍ଦ ମାନେ ସମୂହ – ବିଶ୍ୱଜଗତର ସବୁକିଛି । ଅବନ ଆସିଛି ଅବ୍ ଧାତୁ ଠାରୁ ମାନେ ରକ୍ଷା କରିବା । ତେଣୁ ବୃନ୍ଦାବନ ଶବ୍ଦର ଅର୍ଥ ହେଉଛି ବିଶ୍ୱ ଦୁନିଆର ପ୍ରତିଟି ବସ୍ତୁ ଯେଉଁଠାରେ ସୁରକ୍ଷିତ ରହିଛନ୍ତି । ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ନୀତିବିଧି ହେଲା ଜୀବନପାଳନୀ । ଏହି ଗୁଡ଼ିକ ଯେଉଁମାନେ ପାଳନ କରି ଚାଲନ୍ତି ସେମାନେ ମୃତ୍ୟୁ ଓ ସହସ୍ର ସହସ୍ର ଆପଦ ବିପଦ ମଧ୍ୟରୁ ରକ୍ଷା ପାଆନ୍ତି । ତେଣୁ ଶ୍ରୀକୃଷ୍ଣଙ୍କର ଅନୁଶାସନ ହେଲା ବୃନ୍ଦାବନ । ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅଭିର ଅର୍ପଣ କରିଥାନ୍ତି । ସପ୍ତଖଣ୍ଡ ହରିବଂଶ (ତୃତୀୟ ଖଣ୍ଡର)ତଥ୍ୟ ଅନୁଯାୟୀ 'ପରିମାଣ ଅଟେ ତାର ଶହେ ହାତସ୍ଥଳୀ, ସାତତାଳ ଉଚ୍ଚ ସେ ଯେ ନୁହଇ ତା କଳି ।' ଦୋଳ ଉତ୍ସବ ହିନ୍ଦୁ ସମାଜକୁ ଏକତା, ସଂଗଠନ, ଧର୍ମରକ୍ଷା, ତ୍ୟାଗ, ତପସ୍ୟା ଓ ଐତିହାସିକ ପରମ୍ପରାକୁ ସୁରକ୍ଷା ଦେବା ଲାଗି ସର୍ବଦା ତତ୍ପର ରହିବାକୁ ଶିକ୍ଷା ଦେଇଥାଏ ।

*ସହ-ପ୍ରତିରକ୍ଷିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଉତ୍କଳର ବରପୁତ୍ର : ବିଜୁବାବୁ

୧୯୩୬ ମସିହା, ଏପ୍ରିଲ୍ ପହିଲା । ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ । ଏହି ଦିନ ଓଡିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା । ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରି ପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତ୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା । ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା । ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ । ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ । ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ । ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ପିଲ୍ଲେର ତାଙ୍କଠାରେ ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଂଚାଇଥିଲେ । କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା ! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା । ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ । ୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଂଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ୧ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ । ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ୍ୟ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟିକରିଥିଲେ, ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ । ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ । ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିର ସମ୍ମାନ ଲାଭ କରିଥିଲେ । ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉତ୍ତୋଳନକରି ଓଡିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭୁଲିନଥିଲେ । ଓଡିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ,ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ । ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା । କଟକ ରେଭେନ୍ସା କଲେରେ ଓ୍ୱାରଲେସ୍ ଟ୍ରେନିଙ୍ଗ୍‌ର ବ୍ୟବସ୍ଥା କରି ସେ ଓଡିଆ ଯୁବକ ମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତ ପାଇବାର ପଥ ସୁଗମ କରି ପାରିଛନ୍ତି । ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା । ରାଜ୍ୟ ବାହାରେ ଥିବା ବିଭିନ୍ନ ଇଂଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବାପାଇଁ ଛାତ୍ର ମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା । ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ମାନଙ୍କରେ ନାମ ଲେଖାଇବାର ସୁଯୋଗରୁ ବଂଚିତ ହେଉଥିଲେ । ଅତିବ ଗର୍ବ ଓ ଗୌରବର କଥାଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉରକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି । ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ । ଓଡିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ । ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି । ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇ ପାରିଛି ।

ଓଡିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟିଉବ୍‌ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରଭୃତ ଉନ୍ନତି ସାଧନ କରିଯାଇଛନ୍ତି । ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା । ଓଡ଼ିଶା ଆଜି କିନ୍ତୁ ପାରାଦ୍ୱୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ । ତେବେ ପାରାଦ୍ୱୀପ ବନ୍ଦର ଜନ୍ମ ଜାତକରୁ ଜଣାଯାଏ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍‌ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ


ଅକ୍ଷୟ କୁମାର ରାଉତ

କମିଶନ ଏବଂ ଫରାସୀ ଟେକ୍‌ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ । ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ହୋଇଥିଲା । ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନା ଠାରେ ସ୍ୱର୍ଗତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଂଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ଟୋଳି ଦେଲେ ଏ ଜାତିର ହାତରେ ।

୧୯୫୮ ମସିହା ଜାନୁୟାରୀ ମାସରେ ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା । ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ । ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯୁଗକୁ । ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ୍ୟ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ । ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣା ପଡ଼ିଥିଲା । ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍‌ର ଛାତ୍ର, ଠିକ୍ ସେହି ସମୟରେ ନଈବଢ଼ିରେ ବରି ଅଂଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡ଼ା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଂଟିବାକୁ ଯାଉଥିଲେ । ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ୍ୟ ଯାଇଥାନ୍ତି । ବଢ଼ିଲା ନଈ । ଆକାଶରେ ଟାଣ ମେଘୁଆ ଖରା । ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ କପଡାଛତା । ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇନେଇ ବଢ଼ିଲା ନଈରେ ପକାଇଦେଲା । ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା । ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି । ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା । କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁବଢ଼ାଇ ଦେଇଥିଲେ । ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ଟୋକିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ – ବାପ, ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ । ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ – ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ । ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ । ଅନ୍ୟ ଏକ ଦିନର ଘଟଣା । ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ । ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ । ସ୍କୁଲ୍‌ର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତ୍ରିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ । ସେଦିନ ଏହି ସଭାମଂଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ । ଅତିଥିମାନେ ମଂଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ । ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବାପାଇଁ ନାଲିଆଖି ଦେଖାଉଥିଲେ । ବିଜୁବାବୁ ସଭାମଂଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି । ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ୍ୟ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ । ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି । ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ । ତୁମ୍ଭମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ । ଏହି ସ୍କୁଲ୍‌ରେ ଦିନକର ଘଟଣା । ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡର ଏକ ହେଲିକେପ୍ଟର ଓହ୍ଲାଇଲା । ତାକୁ ଦେଖିବାପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି । ଭୂଗୋଳ ପିରିୟଡ । ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାର୍‌ଙ୍କ ଅନୁମତି ନନେଇ କ୍ଲାସ୍‌ରୁ ପଳାଇଗଲିଂ । ଭିଲେଜ୍ ଗ୍ରାଉଣ୍ଡରେ ପହଁଚି ହେଲିକେପ୍ଟରରେ ହାତ ମାରିଦେଲି । ସଂଗେ ସଂଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା । ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାର୍‌ଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି । ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି । ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ । ଏତିକି କହି ବିଜୁବାବୁ ବସି ପଡ଼ିଥିଲେ । ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାକରଣ ସୃଷ୍ଟି କରିପାରିଥିଲେ । ବିଜୁବାବୁ ଥିଲେ ଓଡିଆ ଜାତିର ଏକ ଅଲିଭା ପ୍ରଦୀପ । ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ । ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ ।

*ପାରାଦ୍ୱୀପଗଡ, ଜିଲ୍ଲା-ଜଗତ୍‌ସିଂହପୁର*
*ମୋ - ୯୯୩୭୬୯୧୪୭୫*

# କୃଷି ଦୁନିଆ



# ଜୀବିକାର ରାହା ଯୋଗାଇଛି ଜୈବିକ ଚାଷ





ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର,ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମିତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର,ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଉଳାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ- ୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ି ନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

**ପ୍ର: ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉ: ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବର୍ତ୍ତୀ ସମୟରେ କୃଷି ବିଶେଷଜ୍ଞ୍ୟ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ର: ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଉ: ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ର: ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉ: ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ର: ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉ: ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ,ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି। ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ର: ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉ: ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

## ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଇ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**- ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ,ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**- ପ୍ରକାଶ ପଲେଇ, ବଉଳାବନ୍ଧ**



ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।

**- ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

**ଲକ୍ଷଣ :**



- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

# ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡେନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡେନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।



**ଉପକାରିତା –**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

**ଉପଯୁକ୍ତ ଫସଲ ଚୟନ-**

ଯଦିଓ ରୁଫଟପ୍ ଗାର୍ଡେନିଙ୍ଗ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃର୍ତ୍ତିର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡେନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।

ସୁତରାଂ ରୁଫଟପ୍ ଗାର୍ଡେନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡେନିଙ୍ଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା।



# ଆର୍ଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ୍ୟ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଡାରୁ କାର୍ଡ଼ବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଡ଼ାଙ୍ଗାରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହିଁ । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରେଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୁହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତ୍‌ଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପ୍‌ଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

**ଇଂ ଅଭୟ ସୂତାର**

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ୍ୟ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ୍ୟ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ୍ୟ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ୍ୟ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କ୍ୱାସ, ଜାମ୍ ଓ ଜେଲି ଏବଂ ଚୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀକୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି । କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରାମପଂଚାୟତରେ ଥିବା ଶାଖା ଡାକଘର ବର୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ ଦୀପତଳ ଅନ୍ଧାର ଭଳି ଲାଗୁଛି। ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି। କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍‌ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା। ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି।

## ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଞ୍ଚଳ ବାବଦରେ ସମୀକ୍ଷା କଲେ ସାଂସଦ

ବାଲେଶ୍ୱର (ପିଏନ୍)- ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟାପଣି ମାଡ଼ିଥିବା ଅଞ୍ଚଳକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗସ୍ତ କରିବା ପରେ ନିଜେ ଅନୁଭବ କରିଥିବା ବନ୍ୟା ପ୍ରପୀଡ଼ିତଙ୍କ ଅସୁବିଧାକୁ ବାଲେଶ୍ୱର ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲ୍ଲାପାଳଙ୍କୁ ତାଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଲୋକଙ୍କୁ କେମିତି ସୁଷମ ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ପିଇବା ପାଣି, ଗୋଖାଦ୍ୟ ସୂଚାରୁ ରୂପେ ବଣ୍ଟନ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଯେଉଁମାନଙ୍କର ଘର ବନ୍ୟାପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ରାଜନୀତି ପ୍ରିୟାପ୍ରୀତି ଉର୍ଦ୍ଧ୍ୱରେ ଯାଇ ଚିହ୍ନଟ କରିବା ପାଇଁ ଏବଂ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ରଖିଥିବା ବିଶେଷ କରି ରାସ୍ତା ପାଖରେ ଥିବା ନାଳକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିବା ଏବଂ ବେଆଇନ ଚିଙ୍ଗୁଡ଼ିଘେରୀ କରି ବର୍ଷାପାଣି ପ୍ରବାହରେ ବାଧା ଉତ୍ପନ୍ନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିବା ପରେ ଜିଲ୍ଲାପାଳ ତୁରନ୍ତ ଏ ସବୁର ସମାଧାନ କରିବେ ବୋଲି କହିବା ସହିତ ତାଙ୍କର ହ୍ୱାଟ୍‌ସଅପରେ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜୋନାଲ ମିଡ଼ିଆ ସଂଯୋଜକ ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ ବିବୃତିରେ ଲିଖିତ ଭାବେ ଜଣାଇଛନ୍ତି।

## ଚଳାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ




ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଳାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୂବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଲୀ ଦେବସ୍ମିତା, ପୁର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କସ୍ତୁରୀ ଚରଣ ନାୟକ, ବିଜୟ କୁମାର ବହଳି, ଇଂ ଲଡୁକିଶୋର ପଢିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ।

## ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି। ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି। ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ। ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଳ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ। ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ। ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି। ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି। ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି। ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୁଦୃଢ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ, ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା। ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ପୁପୁ ମହାପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ। ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ। ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା। ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି। ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ, ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ। ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ।

## ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା। ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା। ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ୨୨୬/୨୨ରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ।

## ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜିଲ୍ଲାସ୍ତରୀୟ କନିଷ୍ଠ ରେଡକ୍ରସ୍ ଅଧୟନ ତଥା ପ୍ରଶିକ୍ଷଣ ଶିବିର ଉଦଯାପିତ

ଜୟପୁର,(ପି.ଏନଷ୍ଟ: ଜିଲ୍ଲା ସ୍ତରୀୟ ତିନି ଦିନିଆ ଜୁନିୟର ରେଡକ୍ରସ୍ ଅଧୟନ ତଥା ପ୍ରଶିକ୍ଷଣ ଶିବିର ମାଲୁସାନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଦାମନଯୋଡି ଠାରେ ଉଦଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରକଳ୍ପ ଅଧିକାରୀ ନୂତନ କୁମାର ସଗରିଆ, ସେମିଳିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚମେଲି ମଜୁମଦାର, ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ବେହେରା, ନାରାୟଣପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗି, କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରଥ, ମାଲୁସାନ୍ତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ସେଠି ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ସୁନାଗରିକ ତଥା ଜଣେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ହେବାପାଇଁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସାଧନକର୍ମୀ ଜ୍ୟୋତିରଂଜନ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା କନିଷ୍ଠ ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ତିନି ଦିନିଆ ଶିବିରର ବିବରଣୀ ପ୍ରଦାନ କରିଥିଲେ । ଜିଲ୍ଲା ସାଧନ କର୍ମୀ ସାହେଦା ପରବିନ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ପରେ ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିବିରାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାଧନକର୍ମୀ ହରେକୃଷ୍ଣ ମହାରଣା ପରିଚାଳନା କରିଥିଲେ ।ଏହି ଅବସରରେ ନୀଳାଚଳ ପଲିଟେକ୍ନିକ୍ ଶିଖରଚଣ୍ଡୀ, ଭୁବନେଶ୍ୱର ଠାରେ ଚଳିତ ମାସ ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ତାଲିମ୍ ଶିବିରରେ ଅଂଶ ଗ୍ରହଣ କରିବା ପାଇଁ ୧୨ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା ଓ ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚମେଲି ମଜୁମଦାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ପ୍ରଧାନ ଶିକ୍ଷକ ଆର. ଶିବ ଶଙ୍କର ପଟନାୟକ, ବିଜୟ କୁମାର ସାହୁ, ସଂପାଦକ ଭୀମ ବେହେରା, ଜିଲ୍ଲା ସାଧନକର୍ମୀ ଶୁଭାସ୍ମିତା ସାହୁ, ସାଧନକର୍ମୀ ନବଘନ ରାଉତ, ବ୍ଲକ ସଂଯୋଜକ ପ୍ରସନ୍ନ କୁମାର ଦାଶ, ବାଳକୃଷ୍ଣ ଷଡଙ୍ଗୀ, ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପତି, ସିପ୍ରା ଦେବୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫୨୧ ଜଣ ଛାତ୍ରଛାତ୍ରୀ ଓ ୧୩୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦନ କରିଥିଲେ । ଜୁନିୟର ରେଡକ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# ଶିଶୁଙ୍କୁ ଟ୍ୟୁସନ ଦିଦି ଶିଶୁକୁ ଲୁହାରଡ଼ରେ ମାଡ଼ ମାରିବା ଘଟଣା, ଥାନାରେ ଅଭିଯୋଗ

ବଲାଙ୍ଗୀର ,(ପି.ଏନଷ୍ଟ : ଜଣେ ଶିଶୁଙ୍କୁ ଟ୍ୟୁସନ ଦିଦି ଲୁହା ରଡ୍‌ରେ ପିଟିଥିବା ଭଳି ଏକ ସମ୍ବେଦନଶୀଳ ଖବର ଆଜି ସାରା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି । ଜଣେ ଟ୍ୟୁସନ ଦିଦିଙ୍କ ଥାର୍ଡ ଡିଗ୍ରୀ ସାମ୍ନାକୁ ଆସିଛି । ଏହି ଘଟଣା ଘଟିଛି ବଲାଙ୍ଗିର ସହରର ମାଲପଡା ଠାରେ । ପୀଡିତ ଶିଶୁଙ୍କ ବାପା ଅଭିଶେକ ଶତପଥୀ ବଲାଙ୍ଗିର ଟାଉନ ଥାନାର ଦ୍ୱାରସ୍ଥ ହୋଇ ଏହି ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ଅଭିଯୋଗକାରୀ ଅଭିଶେକ ତାଙ୍କ ୧୦ ବର୍ଷର ଶିଶୁଙ୍କୁ ମାଲପଡ଼ା ସ୍ଥିତ ସୀମା ପୁରୋହିତଙ୍କ ଘରେ ଟ୍ୟୁସନ ପାଇଁ ଛାଡିଥିଲେ ।

# ରାଜ୍ୟପାଳଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ ପ୍ରାଇଭେଟ୍ ହୋମିଓପାଥିକ ପ୍ରାକ୍ଟିସନର ଆସୋସିଏସନ



ଭୁବନେଶ୍ୱର : ବୁଧବାର ମଧ୍ୟାହ୍ନରେ ଓଡିଶା ରାଜଭବନରେ ପ୍ରାଇଭେଟ୍ ହୋମିଓପାଥିକ ପ୍ରାକ୍ଟିସନର ଆସୋସିଏସନର ସଂଘର ସଭାପତି ନେତ୍ରାନନ୍ଦ ଭୋଇଙ୍କ ନେତୃତ୍ୱରେ ଏକ ୭ ଜଣିଆ ପ୍ରତିନିଧି ଦଳ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଜନ୍ମଦିନର ଶୁଭ ଅବସରରେ ହାର୍ଦ୍ଦିକ ଶୁଭକାମନା ଜଣାଇ ମହାପ୍ରଭୁ ଜଗନ୍ନାଥ ତାଙ୍କୁ ଦୀର୍ଘାୟୁ ଓ ନିରାମୟ ରଖନ୍ତୁ କାମନା କରିଥିଲେ । ସଂଘର ମୂଖ୍ୟ ଆଭିମୁଖ୍ୟ ହେଲା ଓଡ଼ିଶାର ଗ୍ରାମାଞ୍ଚଳରେ କାର୍ଯ୍ୟରତ ହୋମିଓପାଥିକ ପ୍ରାକ୍ଟିସନରମାନଙ୍କୁ ପୂର୍ବରୁ ସରକାରଂକ ଦ୍ୱାରା ଏକ ପଞ୍ଜୀକୃତ କରାଯାଇ ଲିଷ୍ଟେଡେ ମାନ୍ୟତା ପ୍ରଦାନ କରାଯାଇ ନୀରବ୍‌ଛିନ୍ନ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଥିଲେ କିନ୍ତୁ ଏହି ପକ୍ରୀୟା ଅନ୍ୟରାଜ୍ୟରେ ପ୍ରଚ୍‌ଳିତ ଥିବାବେଳେ ଆମ ରାର୍ଯ୍ୟରେ ତାକୁ ୨୦୧୪ ମସିହାରେ ନିଷେଧ ଘୋଷଣା କରିଛନ୍ତି । ଫଳରେ ସେବା କର୍ଯ୍ୟରେ ନିଓଜିତ ଚ୍ଚିକିତ୍ସକମାନେ ସେମାନଙ୍କର ଜୀବିକା ହରାଇବା ହେତୁ ପରିବାର ପ୍ରତି ପୋଷଣ କରିବା କଷ୍ଟ ସାଧ । ଏହି ସୌଜନ୍ୟ ମୂଳକ ସାକ୍ଷାତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, କୋଷାଧ୍ୟକ୍ଷ ମହିନ୍ଦ୍ର କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଡା ପ୍ରଦୀପ ରାଓ, ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଓ ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନଷ୍ଟ- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନ କର୍ମଶାଳା ଅନୁଷ୍ଠିତ

ମାଲକାନଗିର, (ପି.ଏନଷ୍ଟ: କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଏବଂ ରାଜ୍ୟ ସାମାଜିକ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଚାଲିଛି । ଏହି ପରିପ୍ରେକ୍ଷୀରେ ଆଜି ମୁଖ୍ୟ ସ୍ୱେଚ୍ଛାସେବୀମାନଙ୍କୁ ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ଯୋଗ ଦେଇ ମୁଖ୍ୟ ସ୍ୱେଚ୍ଛାସେବୀ ମାନଙ୍କୁ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ । ସୂଚନାଯୋଗ୍ୟ ଭାରତ ସରକାରଙ୍କ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଦ୍ୱାରା ୨୦୨୦-୨୧ ଆର୍ଥିକ ବର୍ଷରେ ନିଶା ମୁକ୍ତ ଭାରତ ଅଭିଯାନ ର ଶୁଭାରମ୍ଭ ହୋଇଥିଲା । ଏଥିରେ ମୋଟ ଦେଶର ୩୭୨ ଜିଲ୍ଲା ଅନ୍ତର୍ଭୁକ୍ତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାକୁ ମଧ ଏଥିରେ ସାମିଲ କରଯାଇଛି । ଏହି କର୍ମଶାଳାରେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ରୁ ୫୦ ଜଣ ମୁଖ୍ୟ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ନେଇଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନଷ୍ଟ- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଫୁଲବାଣୀ ପୌରପରିଷଦରେ ସ୍ୱଚ୍ଛ ସାଥି ଓ ଅନ୍ୟାନ୍ୟ କର୍ମୀମାନଙ୍କୁ ସାଇକେଲ ବଂଟନ

କନ୍ଧମାଳ, (ପି.ଏନଷ୍ଟ: ରାଜ୍ୟ ସରକାରଙ୍କ ଏଚ୍ ଏଣ୍ଡ ୟୁଡି ଡିପାର୍ଟମେଂଟ ପକ୍ଷରୁ ଆଜି ସମଗ୍ର ରାଜ୍ୟରେ ସ୍ୱଚ୍ଛତା କାର୍ଯ୍ୟ ରେ ନିୟୋଜିତ,ସୁପରଭାଇଜର,ସ୍ୱଚ୍ଛସାଥି, ସ୍ୱଚ୍ଛକର୍ମୀ ଓ ଜଳସାଥିମାନଙ୍କୁ ସାଇକଲ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହି କର୍ମଚାରୀ ମାନଙ୍କ କାର୍ଯ୍ୟ କୁ ପ୍ରସଂଶା କରିଥିଲେ । ଏହି ଅବସରରେ ସେମାନଙ୍କୁ ଦିଆଯାଇଥିବା ସାଇକଲ୍‌ର ଏକ ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ । ସମଗ୍ର ରାଜ୍ୟରେ ଆଜି ସମୁଦାୟ ୮ ହଜାର କର୍ମୀଙ୍କୁ ସାଇକଲ ବଣ୍ଟନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଫୁଲବାଣୀ ପୌରପରିଷଦ ପକ୍ଷରୁ ମଧ୍ୟ ଏକ ଭବ୍ୟ ଆୟୋଜନରେ ପୌରପରିଷଦର ସମୁଦାୟ ୫୬ ଜଣ ସ୍ୱଚ୍ଛ ସାଥି, ସୁପରଭାଇଜର, ସ୍ୱଚ୍ଛକର୍ମୀ ଓ ଜଳସାଥିଙ୍କୁ ମଧ ସାଇକଲ ବଂଟନ କରାଯାଇଥିଲା । ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯକ୍ରମର ସିଧାପ୍ରସାରଣ ଟିଭି ଜରିଆରେ ପ୍ରଦର୍ଶିତ ହେବା ପରେ, ଫୁଲବାଣୀ ପୌରାଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ସବୁଜ ପତାକା ଦେଖାଇ ସାଇକଲ ଶୋଭାଯାତ୍ରା କୁ ଉଦଘାଟନ କରିଥିଲେ । ଏହି ଅବସରରେ ପରିଷଦର ଉପାଧକ୍ଷା ଶ୍ରୀମତୀ ପାୟଲ ବେହେରା, ପୌରନିର୍ବାହୀ ଅଧିକାରୀ ବଳଦେବ ବେହେରା,କାଉନସିଲର ରାଜେନ୍ଦ୍ର କୁମାର ପାଢ଼ୀ, ବାବୁଜାନ, ରମେଶ ଚନ୍ଦ୍ର ମହାନ୍ତି, ସୁଶ୍ରୀ ବିରଜା କହଁର, ସୁଶ୍ରୀ ମାଧବୀ ମିଶ୍ର, ସ୍ନେହଲତା ପ୍ରଧାନଙ୍କ ସମେତ ଅନ୍ୟ କାଉନସିଲର ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପୌରପରିଷଦର କର୍ମଚାରୀମାନେ ସହଯୋଗ କରିଥିଲେ । ତେବେ ସାଇକଲ ଗ୍ରହଣ କରିଥିବା ସମସ୍ତ କର୍ମଚାରୀ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ସାଇକେଲ ସେମାନଙ୍କ କାର୍ଯ୍ୟ ରେ ସହାୟକ ହେବ ବୋଲି କହିବା ସହ ସରକାରଙ୍କର ଏହି ସହାୟତା ପାଇଁ ପ୍ରସଂସା କରିଥିଲେ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନଷ୍ଟ- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସିଙ୍କର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲକି ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସିଙ୍କର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# କୋଭିଡ ଲକଡାଉନ ସମୟରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବୁଲା କୁକୁର ଓ ପଶୁଙ୍କୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଖାଦ୍ୟ ପ୍ରଦାନ

କେନ୍ଦ୍ରାପଡା, (ପିଏନଷ୍ଟ- କୋଭିଡ ଲକଡାଉନ ସମୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ ଅନୁଯାଇ ଗତ ଅପ୍ରେଲମାସ ୫ତାରିଖ ଠାରୁ ମଇମାସ ୧୭ତାରିଖ ପର୍ଯ୍ୟନ୍ତ ପୌରାଚଂଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି । ଏସମ୍ପର୍କରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚମାସ ୩୦ତାରିଖରେ ପତ୍ର ସଂଖ୍ୟା -୮୧୨୧ ପ୍ରାପ୍ତ ହେବା ପରେ ନିର୍ବାହୀ ଅଧିକାରୀ ଏକ ବୈଠକ ଗତ ଅପ୍ରେଲମାସ ୩ତାରିଖରେ ଆହ୍ୱାନ କରିଥିଲେ । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଟ୍ଟନାୟକ, ପଶୁ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଡା.ପ୍ରଶନ୍ନ କୁମାର ପରିଡା, ସିଡିଭିଓ କାର୍ଯ୍ୟାଳୟର ଜେ.ଏଫ.ଡି.ଓ. ଶରତ କୁମାର, ପୌରସଂସ୍ଥାର ସି.ଓ. ତପସ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକର ନିଷ୍ପତି ଅନୁଯାଇ ଗତ ଅପ୍ରେଲମାସ ୫ତାରିଖରୁ ମଇମାସ ୧୭ତାରିଖ ମଧ୍ୟରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ କେନ୍ଦ୍ରାପଡା ସହରର ଜୟ ଶ୍ରୀରାମ ରାମଲିଳା କମିଟିକୁ ତିନିମୁହାଣି ଛକରେ ଖାଦ୍ୟ ପ୍ରଦାନ ପାଇଁ ୨୧ହଜାର ଟଙ୍କା, ପିପୁଲସ ଫର ଆନିମଲସ ଅନୁଷ୍ଠାନକୁ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ୧ଲକ୍ଷ ୫୪ହଜାର ୫୬୦ଟଙ୍କା ଓ କେନ୍ଦ୍ରାପଡା ସିଡିଭିଓଙ୍କୁ ୯ହଜାର ୪୪୦ଟଙ୍କାର ଗୋଖାଦ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ପୌରସଂସ୍ଥାକୁ ୨ଟି କିସ୍ତିରେ ଏହି କାର୍ଯ୍ୟ ନିମନ୍ତେ ମୋଟ ୧ଲକ୍ଷ ୮୫ହଜାର ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ଉପରୋକ୍ତ ୨ଟି ଅନୁଷ୍ଠାନ ଓ ସିଡିଭିଓଙ୍କୁ ସେହି ଅନୁଦାନ ଅର୍ଥ ଓ ଗୋଖାଦ୍ୟ ପ୍ରଦାନ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି ।



ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Saturday March 04, 2023 ଭୁବନେଶ୍ବର ଶନିବାର, ମାର୍ଚ୍ଚ ୦୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 8

## ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଫୋର ଏଫସି ବିଜେତା



କଟକ, (ପି.ଏନ) : ଜଗତପୁର ନିମପୁର ଖେଳପଡ଼ିଆରେ କୃଷ୍ଣେଶ୍ବର ମର୍ଣ୍ଣିଂ କ୍ଲବ ଆନୁକୂଲ୍ୟରେ ଦିବସୀୟ ଫୁଟବଲ ପ୍ରତିଯୋଗିତା ଜଗତପୁର ପ୍ରିମିୟର ଲିଗ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫ୍ରେଣ୍ଡସ ଫର ଫୁଟବଲ ଫେଡେରେସନ ଜଗତପୁର ଇଲେଭେନ ଷ୍ଟାର, କୃଷ୍ଣେଶ୍ବର ମର୍ଣ୍ଣିଂ କ୍ଲବ ଓ ନିମପୁର ସ୍ପୋର୍ଟିଂ ବଏଜ ଟିମ ୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଜଗତପୁର କୃଷ୍ଣେଶ୍ବର ମର୍ଣ୍ଣିଂ କ୍ଲବ ଓ ଫୋର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୋର ଏଫସି ୩-୦ ଗୋଲରେ ବିଜେତା ଦଳ ଭାବେ ଟ୍ରଫି ପାଇଥିଲା। କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ୪୮ ନଂ କର୍ପୋରେଟର ନାଗେଶ୍ବର ବେହେରା, ଉଦ୍‌ଯାପନୀ ସମାରୋହରେ ବିଧାୟକ ସୌଭିକ ବିଶ୍ୱାଳ ଓ ଅବସରପ୍ରାପ୍ତ ଜିଲ୍ଲା କଲେକ୍ଟରେଟର ବରିଷ୍ଠ କର୍ମଚାରୀ ବିମଳ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ଫୋର ଏଫସିର ଅଧିନାୟକ ଡାକ୍ତର ଦିଲ୍ଲୀପ କୁମାର ମହାରଣା ବିଜେତା ଟ୍ରଫି ଗ୍ରହଣ କରିଥିଲେ। ଆୟୋଜକ କ୍ଲବ ପକ୍ଷରୁ କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ସାହୁ, ସଚ୍ଚିଦାନନ୍ଦ ମହାନ୍ତି, ପ୍ରଦୀପ ଦାସ, ସଞ୍ଜୟ ରାଉତ, ଅବିନାଶ ନାୟକ, ସୁଶାନ୍ତ କୁମାର ମହାପାତ୍ର, ରବୀନ୍ଦ୍ର କୁମାର ମହାରଣା, ଆନନ୍ଦ କୁମାର ସେଠୀ ଓ ଶ୍ରୀସତ୍ୟସାଇ ସେବା ସମିତି କଟକର ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ ଶ୍ୟାମ ସୁନ୍ଦର ସାମଲ, ଆଧ୍ୟାତ୍ମିକ ସମାଜ ସେବୀ ତ୍ରିନାଥ ଓଝା, ବୁବାଇ, ବୁଲୁ ଭାଇ, ଅଜୟ, ବାରିଆଳ, ଶ୍ୟାମ, ସୁରେଶ, ମାନସ, ପରିଚାଳନା କରିଥିଲେ।

## ଉଚ୍ଚ ଶିକ୍ଷାରେ ସାଂଘାତିକ କେଳେଙ୍କାରୀ

ଆନନ୍ଦପୁର,(ପି.ଏନ):ବଦଳି ନୀତି କାର୍ଯ୍ୟକାରୀ ହେଉନି । ଅଧ୍ୟାପକଙ୍କ ଅଭାବକୁ ସାମୟିକ ଭାବେ ଦୂର କରିବା ଲାଗି ଅତିଥି ଅଧ୍ୟାପକ ନିଯୁକ୍ତି ଉପରେ ଜୋର ଦିଆଯାଇଥିଲା । ହେଲେ ଆଜି ଦିନରେ କିଛି ଅନୁଷ୍ଠାନରେ ଅତିଥି ଅଧ୍ୟାପକଙ୍କ ଉପରେ ଛାତ୍ରଛାତ୍ରୀ ଅଧିକ ନିର୍ଭରଶୀଳ । ସବୁଠାରୁ ବଡକଥା ହେଲା ମହାବିଦ୍ୟାଳୟରେ ଖାଲି ପଡିଥିବା ପଦବୀ ଦୃଷ୍ଟିରେ ରଖି ବଦଳି ନୀତି କାର୍ଯ୍ୟକାରୀ ହେଉନାହିଁ । ଏଥିରେ ବିଧାୟକ ଓ ସାଂସଦଙ୍କ ଲେଟର ପ୍ୟାଡ୍ ଏକ ବଡ ଅସ୍ତ୍ର ପାଲଟିଛି ।ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ ମ୍ୟାନେଜମେଣ୍ଟ ଲେଟର ଜାରି କରି ଏଭଳି କିଛି ସମ୍ବେଦନଶୀଳ ପ୍ରସଙ୍ଗକୁ ଚର୍ଚ୍ଚାକୁ ଆଣିଛନ୍ତି । ଏହା ସୂଚାଇ ଦେଉଛି ଯେ ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗ ସମ୍ଭବତଃ ଠିକ୍ ରାସ୍ତାରେ ନାହିଁ । ସିଏଜି ତାଙ୍କ ରିପୋର୍ଟରେ କହିଛନ୍ତି ଯେ ରାଜ୍ୟରେ ୫୨ଟି ଡିଗ୍ରୀ କଲେଜ ମଧ୍ୟରୁ ମାତ୍ର ୨୯ପ୍ରତିଶତ (୧୫ଟି) ସରକାରୀ ଡିଗ୍ରୀ କଲେଜକୁ ନେଇ ଅଡିଟ୍ କରାଯାଇଥିଲା । ୟୁଜିସି ନିୟମ ଅନୁସାରେ ପ୍ରତି ୨୫ଜଣ ଛାତ୍ରଛାତ୍ରୀରେ ଜଣେ ଶିକ୍ଷକ ବା ଅଧ୍ୟାପକ ରହିବା କଥା । ବିଜ୍ଞାନ ଓ ବାଣିଜ୍ୟ କ୍ଷେତ୍ରରେ ଏହା ୩୦.୧ । କିନ୍ତୁ ଅଡିଟ୍ ବେଳେ ଦେଖାଯାଇଥିଲା ଯେ ଏମିତି କଲେଜ ଥିଲା ଯେଉଁଠାରେ ୨୭୫ଜଣ ଛାତ୍ରଛାତ୍ରୀରେ ଜଣେ ଅଧ୍ୟାପକ ପାଠ ପଢାଉଥିଲେ । ସେହିପରି ବାଣିଜ୍ୟ କ୍ଷେତ୍ରରେ ଏହି ସଂଖ୍ୟା ୧୫୬ ଥିଲା । ଏସବୁ କଲେଜରେ ୮୩୬ଟି ପଦବୀ ଥିବାବେଳେ ୪୨୮ଟି ପଦବୀ ଖାଲି ପଡିଥିଲା । ତେବେ ଅଡିଟ୍ ଟିମ୍‌କୁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କରିଥିଲେ ଯେ ଖୁବ୍ ଶୀଘ୍ର ଖାଲି ଥିବା ପଦବୀକୁ ନିଯୁକ୍ତି ଏବଂ ଅତିଥି ଅଧ୍ୟାପକ ନିୟୋଜିତ କରି ପୂରଣ କରି ଦିଆଯାଉ । ପ୍ରଶ୍ନ ଉଠୁଛି ରାଜ୍ୟ ସରକାର ଆଇଏଏସ୍ ଓ ଓଏଏସ୍ ଅଫିସର ମାନଙ୍କୁ ଅବସର ପରେ ବିଭିନ୍ନ ପଦପଦବୀରେ ନିଯୁକ୍ତ ଦେବାକୁ ଆଦୌ ସମୟ ନେଉନଥିବା ବେଳେ ପାଖାପାଖି ୫୦ପ୍ରତିଶତ ପଦବୀ ଖାଲି ପଡିଥିଲା ଅଥଚ ଉଚ୍ଚ ଶିକ୍ଷା ବିଭାଗ ଜାଣି ପାରିଲାନି କେମିତି ? ସରକାର ଏହି ପ୍ରସଙ୍ଗକୁ ଅଣଦେଖା କଲେ କେମିତି ?

## ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ମୃତି ସଭା

ବାଙ୍କୀ,(ପି.ଏନ): ବୁଧବାର ଦିନ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ବର୍ଗତ ଡାକ୍ତର ଧନେଶ୍ବର ସାହୁଙ୍କ ବିୟୋଗରେ ସଂଘ କାର୍ଯ୍ୟାଳୟ ପରିସରରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଜନକଲ୍ୟାଣ ନାଗରିକ ସଂଘର ସମସ୍ତ ସଭ୍ୟ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏହି ସ୍ମୃତି ସଭାରେ ଡାକ୍ତର କୈଳାସ ଚନ୍ଦ୍ର ରଥ, ଡାକ୍ତର ଶରତ ଚନ୍ଦ୍ର ସ୍ବାଇଁ, ସଂଗଠନ କେଶବ ଚନ୍ଦ୍ର ବେହେରା , ସଂପାଦକ ବିପିନି ବିହାରୀ ମହାନ୍ତି ପ୍ରମୁଖ ସ୍ବର୍ଗତ ଡାକ୍ତର ସାହୁ ଜଣେ ବରିଷ୍ଠ ସଦସ୍ୟ, ବାଙ୍କୀ ଅଞ୍ଚଳର ଜଣେ ସୁନାମଧନ୍ୟ ଚିକିତ୍ସକ, ପରୋପକାରୀ, ମେଳାପି ଭାବେ ବାଙ୍କୀରେ ବେଶ୍ ପରିଚିତ ଥିଲେ ବୋଲି ପ୍ରକାଶ କରିଥିଲେ। ଏଥିରେ ସଂଘର ସଭାପତି ନୃସିଂହ ଚରଣ ପ୍ରଧାନ, ବାଇଧର ଦେଉରୀ , ରଘୁନାଥ ନାୟକ, ରମେଶ ଚନ୍ଦ୍ର ମନ୍ତ୍ରୀ, ବ୍ରହ୍ମାନନ୍ଦ ବେହେରା, ପ୍ରହ୍ଲାଦ ପୃଷ୍ଟି, ସାରଙ୍ଗଧର ମିଶ୍ର, ପ୍ରମୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ ପ୍ରାଣୀ ଚିକିତ୍ସାଳୟରେ ଅପରାହ୍ନରେ କେହି କର୍ମଚାରୀ ନଥିବା ସମୟରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି କାର୍ଯ୍ୟାଳୟର ଆବଶ୍ୟକୀୟ କାଗଜାତ ଜଳିପୋଡି ପାଉଁଶ ହୋଇ ଯାଇଛି । ଏ ନେଇ ସ୍ଥାନୀୟ ଜନସାଧାରଣ ଭୟଭୀତ ହୋଇ ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟକୁ ଫୋନ କରି ଜଣାଇବାରେ କର୍ମଚାରୀ ମାନେ ପହଂଚି ନିଆଁକୁ ଆୟତ କରିଥିଲେ ।ସେହିପରି ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମର ଆଦିବାସୀ ସାହିର କେଳା ନାୟକଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଚାଳ ଘର ଜଳିପୋଡି ପାଉଁଶ ହୋଇଯାଇଛି । ଏ ନେଇ ବେଗୁନିଆ ଦମକଳ କର୍ମଚାରୀ ପହଂଚି ଲୋକ ମାନଙ୍କର ଧନଜୀବନ ରକ୍ଷା କରିଥିଲେ ।

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଖର୍ଚ୍ଚ ସମ୍ବନ୍ଧୀୟ ପ୍ରଶାସନିକ ବୈଠକ

ବାଙ୍କୀ,(ପି.ଏନ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବାଙ୍କୀ ଓ ଡମପଡ଼ା ବ୍ଲକରେ ଚଳିତ ନିର୍ବାଚନରେ ସରପଞ୍ଚ , ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ପ୍ରାର୍ଥୀଭାବେ ପ୍ରତିନିଧିତ୍ୱ କରୁଥିବା ଦୁଇଗୋଟି ବ୍ଲକର ୩୭ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୫ଗୋଟି ଜିଲ୍ଲା ପରିଷଦ ଜୋନ୍‌ର ପ୍ରାର୍ଥୀମାନେ ଆଜି ବାଙ୍କୀ ଡମପଡ଼ା ସମ୍ମିଳନୀ କକ୍ଷରେ ବାଙ୍କୀ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ରଞ୍ଜନ କୁମାର ଜେନାଙ୍କ ଅଧକ୍ଷତାରେ ରାଜ୍ୟ ଅର୍ଥ ବିଭାଗର ଯୁଗ୍ମ ସଚିବ ଦେବରାଜ ମଣ୍ଡଳ ପ୍ରାର୍ଥୀମାନେ ନିର୍ବାଚନରେ ସରକାରଙ୍କ ନିୟମ ଅନୁଯାୟୀ ଖର୍ଚ୍ଚ ସଂପର୍କରେ ଲିପିବଦ୍ଧ କରିବା ସହିତ ବିବରଣୀ ପ୍ରଦାନ କରିବା ସହିତ ଚଳିତ ନିର୍ବାଚନ କିପରି ଅବାଧ ଓ ଶାନ୍ତି ଶୃଙ୍ଖଳାରେ ଶେଷ କରାଯିବ ସେ ସଂପର୍କରେ ଉପସ୍ଥିତ ପ୍ରାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ଏଥିରେ ବାଙ୍କୀ ଡମପଡ଼ା ବ୍ଲକ ବି.ଡି.ଓ ଶ୍ୟାମଳ କୁମାର ରାୟ, ବାଙ୍କୀ ବ୍ଲକ ବି.ଡି.ଓ ପ୍ରଦୀପ୍ତ କୁମାର ଶତପଥୀ ,ବାଙ୍କୀ ଡମପଡ଼ା ବ୍ଲକ ଜି.ପି.ଓ ତ୍ରିନାଥ କୁମାର ଜେନା, ବାଙ୍କୀ ବ୍ଲକ ଜି.ପି.ଓ କୁମର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରେଳବାଇ କ୍ଷେତ୍ରରେ ମୟୂରଭ ଜିଲ୍ଲା କେନ୍ଦ୍ର ଅବହେଳର ଶିକାର : ପୂର୍ବତନ ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ

ବାରିପଦା ,(ପି.ଏନ): ମୟୂରଭ ଜିଲ୍ଲା ରେଳବାଇ କ୍ଷେତ୍ରରେ ବାରମ୍ବାର କେନ୍ଦ୍ର ଅବହେଳାର ଶିକାର ହୋଇ ଆସୁଛି । ରେଳ ଲାଇନ ସଂଯୋଗୀକରଣ ଓ ନୂତନ ଟ୍ରେନ ଚଳାଚଳ ଅଭାବରୁ ମୟୂରଭ ଜିଲ୍ଲା ଓଡ଼ିଶାର ସବୁଠାରୁ ବଡ ଆଦିବାସୀ ଜିଲ୍ଲା ହୋଇଥିଲେ ମଧ୍ୟ ବିକାଶ ସମ୍ଭବ ପର ହେଉନାହିଁ । ପର୍ଯ୍ୟଟନ ଓ ନୂତନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସୁଯୋଗ ସୁବିଧା ଥାଇ ମଧ୍ୟ ରେଳ ଲାଇନ ସଂଯୋଗୀକରଣ ହୋଇ ନ ଥିବାରୁ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏକ ପଛୁଆ ଜିଲ୍ଲା ଭାବରେ ମୟୂରଭ ଜିଲ୍ଲା ପରିଚିତ । ବୁଢାମରା – ଚକୁଳିଆ, ବାଙ୍ଗିରିପୋଷି – ଗୋରୁମହିଷାଣି ନୂତନ ରେଳ ଲାଇନ ସଂଯୋଗୀକରଣ ମୟୂରଭର ଦୀର୍ଘ ଦିନର ଦାବୀ । କିନ୍ତୁ କେନ୍ଦ୍ର ସରକାର ବଜେଟରେ ଅର୍ଥ ବରାଦ ନ କରିବା ଦୁଃଖର ବିଷୟ । ବୁଢାମରା – ଚାକୁଳିଆ ନିମନ୍ତେ କେବଳ କୋଟିଏ ଟଙ୍କାର ବ୍ୟୟ ବରାଦ ମୟୂରଭବାସୀଙ୍କୁ ପ୍ରତାରଣାର ଆଉ ଏକ ନମୁନା କହିଲେ ଭୁଲ ହେବ ନାହିଁ । ବାରିପଦାରେ ରେକପଏଣ୍ଟ ନିର୍ମାଣ ଦୀର୍ଘ ଦିନର ଦାବୀ, କିନ୍ତ କେନ୍ଦ୍ର ସରକାର ଏଥିପ୍ରତି ମଧ୍ୟ ଦୃଷ୍ଟି ଦେଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ । ଏହା ବ୍ୟତୀତ ଓଡ଼ିଶାର ସବୁ ରେଳବାଇ ଅଞ୍ଚଳକୁ ଗୋଟିଏ ରେଳ ଡିଭିଜନ ଅଧିନକୁ ଆଣିବାର ଆବଶ୍ୟକତା ରହିଛି । ମୟୂରଭ ଜିଲ୍ଲା ଓଡ଼ିଶା ବାହାର ରାଜ୍ୟ ଡିଭିଜନ ଅଧିନରେ ରହୁଥିବାରୁ ଜିଲ୍ଲାକୁ ପ୍ରକୃତ ଗୁରୁତ୍ୱ ଦିଆଯାଇନାହିଁ । ତେଣୁ କେନ୍ଦ୍ର ସରକାର ନୂତନ ରେଳ ଲାଇନ ସଂଯୋଗୀକରଣ ନିମନ୍ତେ ପର୍ଯ୍ୟାପ୍ତ ଅନୁଦାନ ବା ବ୍ୟୟ ବରାଦ କରିବା ସହିତ ବାଙ୍ଗିରିପୋଷିରୁ ପୁରୀ ପର୍ଯ୍ୟନ୍ତ ନୂତନ ଦୈନିକ ଟ୍ରେନ ଚଳାଚଳ ନିମନ୍ତେ ପୂର୍ବତନ ସଂାସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଦାବୀ କରିଛନ୍ତି ।

## ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ଗ୍ରାହକ ସଚେତନତା




ଭୁବନେଶ୍ବର,(ପି.ଏନ): ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଜେଲ ରୋଡ ଶାଖା ପକ୍ଷରୁ ଜମାକାରୀ ଓ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ପ୍ରଭାତ କୁମାର ଜେନାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା, ଓଏଫଡିସି ଚେୟାରମେନ କୁନା ତ୍ରିପାଠୀ, ବ୍ୟାଙ୍କର ଅବସରପ୍ରାପ୍ତ ଜିଏମ ପ୍ରମୋଦ କୁମାର ନାୟକ ଓ ଡେପୁଟି କଲେକ୍ଟର ପ୍ରସନ୍ନ କୁମାର ସେନାପତି, ବରିଷ୍ଠ ନାଗରିକ ଗିରିଜା ନନ୍ଦନ ନାୟକ ପ୍ରମୁଖ ଯୋଗଦେଇ ଅର୍ଥନୈତିକ କାରବାର ଓ ସାଇବର ଠକେଇ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଶାଖା ପରିଚାଳକ ଶ୍ରୀଯୁକ୍ତ ଜେନା ସମବାୟ ବ୍ୟାଙ୍କର ଲକ୍ଷ ଓ ଉଦେଶ୍ୟ ସମ୍ବନ୍ଧରେ କହିବା ସହିତ ରାଜ୍ୟ ସରକାରଙ୍କ ତରଫରୁ ଓ ବ୍ୟାଙ୍କ ପକ୍ଷରୁ ଦିଆ ଯାଉଥିବା ବିଭିନ୍ନ ସୁବିଧା ସୁଯୋଗକୁ ସଦୁପୋଯୋଗ କରି ସାମାଜିକ ଓ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ଗ୍ରାହକ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ଜମାକାରୀ ନର୍ମଦା ମିଶ୍ର ଶ୍ରେଷ୍ଠ ଗ୍ରାହକ ଭାବେ ରବିନ୍ଦ୍ର କୁମାର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।

## ଜନମଙ୍ଗଳ ପରିଷଦ ପକ୍ଷରୁ ଶୀତ ବସ୍ତ୍ର ପ୍ରଦାନ

ବାଙ୍କୀ, (ପି.ଏନ): ଡମପଡ଼ା ଚନ୍ଦକା ଅଭୟାରଣ୍ୟରେ ବସବାସ କରୁଥିବା ଆଦିବାସୀ ସଂପ୍ରଦାୟର ଲୋକମାନଙ୍କୁ ଡମପଡ଼ା ପଞ୍ଚାୟତ ଅନ୍ତର୍ଗତ ଢ଼ୋଲକାଠ ଗ୍ରାମର ପ୍ରାୟ ୮୦ଗୋଟି ପରିବାରର ବୟସ୍କ ଲୋକମାନଙ୍କୁ ସାମାଜିକ ଅନୁଷ୍ଠାନ ଜନମଙ୍ଗଳ ପରିଷଦ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ରାଷ୍ଟ୍ରୀୟ ଅଧକ୍ଷ ଅଲେଖ ଜେନା, ସୀତାଂଶୁ ମହାନ୍ତି,ସୁକାନ୍ତ ମହାନ୍ତି, ମୁକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଦାବା ଇଣ୍ଡିଆ ଜେନେରିକ୍ ଫାର୍ମାସୀ ଉଦ୍‌ଘାଟିତ

କେନ୍ଦୁଝର,(ପି.ଏନ): କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ ନିକଟ ମଣ୍ଡୁଆ ରାମଚନ୍ଦ୍ରଭବନ ମାର୍କେଟ କଂପ୍ଲେକ୍ସ ପରିସରରେ ଦାବା ଇଣ୍ଡିଆ ଜେନେରିକ୍ ଫାର୍ମାସି ର ନୂତନ ଫ୍ରାଞ୍ଚାଇଜ ଗୁରୁବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ନୂତନ ଫାଞ୍ଚାଇଜକୁ ଦାବା ଇଣ୍ଡିଆର ରିଜିଓନାଲ ସେଲ୍ସ ମ୍ୟାନେଜର ପ୍ରିୟରନ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଔଷଧାଳୟ ଦ୍ୱାରା ସ୍ଥାନୀୟ ସହରବାସୀ ସୁଲଭ ମୂଲ୍ୟରେ ୧୮୦୦ ପ୍ରକାର ର ଜେନେରିକ ଔଷଧ ପାଇପାରିବେ।

## ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି ବିରୁଦ୍ଧରେ ପ୍ରତିବାଦ ସଭା




ଯାଜପୁର,(ପି.ଏନ): ସମ୍ପ୍ରତି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ମୂଲ୍ୟ ବୃଦ୍ଧିକୁ ନେଇ ଏସ୍.ୟୁ.ସି.ଆଇ(ସି) ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ଶୁକ୍ରବାର ଯାଜପୁର ବଡ଼ ଡାକ୍ତରଖାନା ଗାନ୍ଧିଛକ ପ୍ରଭୃତି ସ୍ଥାନରେ ପ୍ରତିବାଦ ସଭାମାନ କରାଯାଇ କେନ୍ଦ୍ର ସରକାରଙ୍କୁ ତିବ୍ର ନିନ୍ଦା କରାଯାଇଛି। ପ୍ରକାଶଥାଉକି ଗୁରୁବାର ତା: ୦୨.୦୩.୨୦୨୩ ଘରୋଇ ଗ୍ୟାସି ସିଲିଣ୍ଡର ପିଛା ୫୦ ଟଙ୍କା ଓ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପିଛା ୩୫୦ ଟଙ୍କା ଲେଖାଏଁ ବୃଦ୍ଧି ହୋଇଛି। ଫଳରେ ଘରୋଇ ରନ୍ଧନ ଗ୍ୟାସ ୧୦୮୦ ଟଙ୍କରୁ ୧୧୩୦ ଟଙ୍କା ହୋଇଥିବା ବେଳେ ବ୍ୟବସାୟିକ ରନ୍ଧନ ଗ୍ୟାସ ୧୭୬୯ ଟଙ୍କରୁ ୨୧୨୦ ଟଙ୍କା ହୋଇଛି। ଚଳିତ ବର୍ଷ ଏହି ଦୁଇ ମାସ ଭିତରେ ଘରୋଇ ରନ୍ଧନ ଗ୍ୟାସ ୭୫ ଟଙ୍କା ବିଢି। କେନ୍ଦ୍ର ସରକାର ଏହି ଜନ ବିରୋଧି ଓ କର୍ପୋରେଟ୍ ସ୍ୱାର୍ଥରେ ଜାଳେଣୀ ଗ୍ୟାସ ମୂଲ୍ୟ ବୃଦ୍ଧି ଖୁବ୍ ଦୁର୍ଭାଗ୍ୟଜନକ ଓ ନିନ୍ଦନିୟ ବୋଲି ପ୍ରତିବାଦକାରୀ ମାନେ ଦର୍ଶାଇଛନ୍ତି। ଜିଲ୍ଲା କମିଟିର ସଭ୍ୟ କମ୍ରେଡ଼ ସୁଲୋଚନା ପ୍ରଧାନ, କମ୍ରେଡ଼ ଜଗବନ୍ଧୁ ମଲ୍ଲିକ୍, କମ୍ରେଡ଼ ମମତା ସେଠୀ, ସସ୍ମିତା ଯେନା, ମଧୁସ୍ମିତା ସିଂ ପ୍ରଭୃତି କେନ୍ଦ୍ର ସରକାରଙ୍କୁ ଏତାଦୃଶ ପଦକ୍ଷେପ ପାଇଁ ଦୃଢ଼ ନିନ୍ଦା କରିଛନ୍ତି। ସୂଚନାଯୋଗ୍ୟ ଯେ ଅଚ୍ଛେଦିନର ସ୍ୱପ୍ନ ଦେଖାଇ କେନ୍ଦ୍ରରେ ମୋଦି ସରକାର କହିଲା କି ଉଜ୍ଜଳା ଯୋଜନାରେ ମହିଳା ମାନଙ୍କୁ ଆଖିରୁ ଲୁହ ପୋଛି ଦେବା ପାଇଁ ମାଗଣାରେ ଗ୍ୟାସ ଯୋଗାଇ ଦେବ। କିନ୍ତୁ କରିଲା କ'ଣ? ପ୍ରତିଦିନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବୃଦ୍ଧି, ପେଟ୍ରୋଲ ଡିଜେଲ ଓ ଖାଦ୍ୟ ସାମଗ୍ରୀ ପ୍ରୟୋଜନିୟ ଜିନିଷ ପତ୍ରର ମୂଲ୍ୟ ବୃଦ୍ଧି କରି ଏହାକୁ ଅମୃତକାଳ କହି ଦେଶର ଜନସାଧାରଣଙ୍କୁ ତାଚ୍ଛଲ୍ୟ କରିଚାଲିଛନ୍ତି। ଏହା ସହିତ ଦେଶର ସମସ୍ତ ଜାତୀୟ ସମ୍ପତ୍ତି ଗୁଡିକୁ କର୍ପରେଟ୍ ହାଉସ୍ ହାତରେ ଟେକିଦେବାରେ ଲାଗିଛନ୍ତି। ମୋଦି ସରକାରଙ୍କର ଏହି ଜନବିରୋଧୀ ନୀତି ବିରୁଦ୍ଧରେ ଐକ୍ୟବଦ୍ଧ ଗଣ ଆନ୍ଦୋଳନ ପାଇଁ ସମସ୍ତ ଶୁଭବୁଦ୍ଧି ସମ୍ପନ୍ନ ଜନସାଧାରଣ ଆଗେଇ ଆସିବାକୁ ଏସ୍.ୟୁ.ସି.ଆଇ (ସି) ପକ୍ଷରୁ ଆହ୍ୱାନ ଦିଆଯାଇଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray